## ସଂକ୍ଷେପରେ

### ମାର୍ଶାଘାଇରେ ଖୋଲିଲା ଧାନମଣ୍ଡି

**ମାର୍ଶାଘାଇ,୨୭।୧୨(ଡି.ଏନ.ଏ.):** ସରକାରଙ୍କ ତରଫରୁ ଶୁକ୍ରବାର ମାର୍ଶାଘାଇ ବ୍ଲକର ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତିରେ କେନ୍ଦ୍ରାପଡା ଜିଲା ସମବାୟ ସମୂହର ସହ ନିବନ୍ଧକ ଅଶୋକ କୁମାର ବେହେରା ଏବଂ ବ୍ଲକ ସମବାୟ ସଂପ୍ରସାରଣ ଅଧିକାରୀ ଧ୍ରୁବ ଚରଣ ମହାନ୍ତି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମିତି ଉପସଭାନେତ୍ରୀ କବିତା ଦାସ,ସଂପାଦକ ଭାବଗ୍ରାହୀ ନାୟକ,ବରିଷ୍ଠ ନିର୍ଦ୍ଦେଶକ ମନୋରଞ୍ଜନ ସାମଲ, ଉପେନ୍ଦ୍ର ବେହେରା, ବିଚିତ୍ରାନନ୍ଦ ବେହେରା, ଆଲୋକ କୁମାର ଚଇନି, ବ୍ରଜବନ୍ଧୁ ନାୟକ, ଚାଷୀ ବିନୋଦ ଦାସ, ସୁରେନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ। ସହ ସମ୍ପାଦକ ଗୋବର୍ଦ୍ଧନ ସାହୁ, ପ୍ରଦ୍ୟୁମ୍ନ ଦାଶ, ସଞ୍ଜୟ ଦାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସେହିପରି ଦୁମୁକା ସମବାୟ ସମିତିରେ ସଭାପତି ସୁରଥ ବେଉରା,ସମ୍ପାଦକ ମନୋଜ କୁମାର ସ୍ୱାଇଁ, ସହ ସମ୍ପାଦକ ତାପସ ବେଉରା, କର୍ମଚାରୀଙ୍କ ସମେତ ନିର୍ଦ୍ଦେଶକ ମଣ୍ଡଳୀ ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ଗରଜଙ୍ଗା ସମବାୟ ସମିତିରେ ସଭାପତି ଶରତ ଚନ୍ଦ୍ର ପରିଡା, ସଂପାଦକ ରମେଶ ଚନ୍ଦ୍ର ଲେଙ୍କା,ସହ ସଂପାଦକ ହିମାଂଶୁ ଶେଖର ନାୟକ, ପ୍ରସନ୍ନ କୁମାର ପ୍ରଧାନ, ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଦାସ, ଅନାମ ଦାସ, ପ୍ରଶାନ୍ତ ପରିଡା, ନବଘନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ୧୦ଟି ଯାକ ସମବାୟ ସମିତିରେ ଜିଲା ସହନିବନ୍ଧକ ବେହେରା ଓ ବ୍ଲକ ସମ୍ପ୍ରସାରଣ ଅଧିକାରୀ ମହାନ୍ତି ଯୋଗଦେଇ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ତେବେ କେତେକ ସମବାୟ ସମିତିରେ ନିର୍ଦ୍ଦେଶକ ମଣ୍ଡଳୀ ସଭ୍ୟାସଭ୍ୟମାନଙ୍କୁ ଉଦ୍‌ଘାଟନ ସମ୍ପର୍କରେ ସୂଚନା ଦିଆଯାଇ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ରାଜ୍ୟବାସୀଙ୍କ ନିକଟରେ ସରକାରଙ୍କ ସଫଳତା ପହଞ୍ଚାଇବା ପାଇଁ ବିଜେଡି ସଂକଳ୍ପବଦ୍ଧ

**ପଟ୍ଟାମୁଣ୍ଡାଇ,୨୭।୧୨(ସ୍ୱ.ପ୍ର.) :** ରାଜ୍ୟବାସୀଙ୍କ ନିକଟରେ ସରକାରଙ୍କ ବିଭିନ୍ନ ସଫଳତା ପହଞ୍ଚାଇବା ପାଇଁ ବିଜେଡି ସଂକଳ୍ପବଦ୍ଧ । ଏଥିସହିତ ବିଭିନ୍ନ ଯୋଜନା ତ୍ୱରାନ୍ୱିତ କରି ପ୍ରତି ପଞ୍ଚାୟତ ଓ ଗ୍ରାମରେ ଉନ୍ନତି କରିବା ପାଇଁ ଦଳ ବଦ୍ଧପରିକର । ରାଜନଗର ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଗୁରୁବାର ବ୍ଲକର ଗଙ୍ଗାରାମପୁର ପଞ୍ଚାୟତ ମା' ଛୁଆଳିଆଙ୍କ ପୀଠରେ ୨୩ତମ ପ୍ରତିଷ୍ଠା ଉତ୍ସବ ପାଳନ ହୋଇଥିଲା । ଏଥିରେ ନେତାମାନେ ଯୋଗଦେଇ ଉପରୋକ୍ତ ମତ ପ୍ରକାଶ କରିଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ । କୃଷି ଓ କୃଷକମାନଙ୍କର ଉନ୍ନତି, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ପାନୀୟ ଜଳ, ଜଳ ଶକ୍ତି ମିଶନ, ବିଦ୍ୟୁତ୍ କରଣ ଆଦି ଯୋଜନା ସମ୍ପର୍କରେ କହିଥିଲେ । ଏହି ସଭାରେ ରାଜନଗର ବ୍ଲକ ସଭାପତି ଅଶୋକ କୁମାର ପ୍ରତିହାରୀ, ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ରାଉତ, ରାଜନଗର ବ୍ଲକ ଅଧକ୍ଷ ଅନିରୁଦ୍ଧ ସେଠୀ, ପଟ୍ଟାମୁଣ୍ଡାଇ ନଗର ବିଜେଡି ସଭାପତି ଭୋଳାନାଥ ପାଢୀ, ବ୍ଲକ ଅଧକ୍ଷା ଜ୍ୟୋତିର୍ମୟୀ ବେହେରା, ପୂର୍ବତନ ପୌରାଧକ୍ଷା ବୈଜୟନ୍ତୀମାଳା ଲେଙ୍କା, ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ କୁମାର ପ୍ରଧାନ, ଜିଲା ଦଳିତ ସଂଘ ସଭାପତି ବାରିଣୀ ସେଠୀ, ପ୍ରାକ୍ତନ ପୌରାଧକ୍ଷ ହେମନ୍ତ କୁମାର ସାହୁ, ଧର୍ନୁଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇ ସରକାରଙ୍କ ସଫଳତା ଉପରେ ବକ୍ତବ୍ୟ ରଖିଥିଲେ । ଏଥିସହିତ ଦଳର ସଂଗଠନ ମଜଭୁତ୍ କରିବା ପାଇଁ ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନଗର ଯୁବ ବିଜେଡି ସଭାପତି ମନୋଜ ନାୟକ, କଳାକାର ପ୍ରଧାନ, ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ ଓ କର୍ମୀମାନେ ଯୋଗ ଦେଇଥିଲେ । ଶେଷରେ ସମିତି ସଭ୍ୟ ଶ୍ରୀକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଅଦିନିଆ ବର୍ଷା ଚାଷୀଙ୍କ ଆଖିରୁ ନିଦ ହଜାଇଲା

**ରାଜନଗର,୨୭।୧୨(ଡି.ଏନ.ଏ.)**

ରାଜନଗର ବ୍ଲକରେ ଗୁରୁବାର ଅଦିନିଆ ବର୍ଷା ହୋଇଯାଇଛି। ବର୍ଷା ଯୋଗୁ ଚାଷୀମାନେ ଧାନ କ୍ଷେତରୁ କଟା ଯାଇଥିବା ଧାନକୁ ଖଳାକୁ ଆଣି ପାରୁନାହାନ୍ତି। ଅଧିକାଂଶ ଜମିରେ ଧାନ କଟା ହୋଇ ପଡି ରହିଛି। କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ଚାଷୀମାନଙ୍କ ଆଖିରୁ ନିଦ ହଜାଇ ଦେଇଛି। ନିକଟରେ ବୁଲବୁଲ ପ୍ରଭାବରେ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିଲା । ଏବେ ବର୍ଷା ହେବା ଦେଖି ଚାଷୀମାନେ ଚିନ୍ତିତ ହୋଇ ପଡିଛନ୍ତି। ରାଜନଗର ଅଞ୍ଚଳରେ ଚାଷୀ କେବଳ ଖରିଫ ଧାନ ଚାଷ କରି ପରିବାର ଭରଣ ପୋଷଣ କରିଥାନ୍ତି। ଚଳିତବର୍ଷ ଚାଷ ଆରମ୍ଭ ସମୟରେ ବର୍ଷା ଉଭାନ ହୋଇଯିବା ଓ ଗଜା ମରୁଡି ଯୋଗୁ ଦୁଇମାସ ବିଳମ୍ବରେ ଚାଷ ହୋଇଥିଲା। ଧାନ ପାଚି ଆସିଲା ବେଳକୁ ବୁଲବୁଲ ବାତ୍ୟା ଦାଉ ସାଧିଥିଲା। ବୁଲବୁଲ ବାତ୍ୟା ପ୍ରଭାବରେ ଅଧିକାଂଶ ଧାନକ୍ଷେତରେ ଧାନ ବଦଳରେ ଅଗାଡି ଦେଖିବାକୁ ମିଳିଛି। ଗତ କିଛି ଦିନ ହେଲା ରାଜନଗର ଅଞ୍ଚଳରେ ଧାନକଟା ଓ ଅମଳ ଚାଲିଛି। ସମ୍ପୂର୍ଣ୍ଣ ଧାନକଟା ସରିବାକୁ ଆହୁରି ୧୫ ଦିନ ସମୟ ଲାଗିବ। ଅଧିକାଂଶ ବିଲରେ ଧାନ କଟା ହୋଇ ପଡିରହିଛି। ଯେଉଁମାନେ ମେଶିନ ସାହାଯ୍ୟରେ ଧାନ କାଟିଥିଲେ, ସେମାନଙ୍କ ଜମିରେ ଅମଳ ଧାନ ବସ୍ତାରେ ପଶି ପଡିରହିଛି। ଦୁଇ ଦିନ ହେଲା ପାଗ ମେଘୁଆ ସାଙ୍ଗକୁ ଅଦିନିଆ ବର୍ଷା ଯୋଗୁ ଚାଷୀକୁଳ ଆତଙ୍କିତ ହୋଇପଡିଛନ୍ତି । ଚାଷୀମାନେ କିପରି ଅମଳ କରିଥିବା ଧାନ ଘରକୁ ଆଣିବେ, ସେ ନେଇ ଲାଗି ପଡିଛନ୍ତି। ମାତ୍ର ଶ୍ରମିକ ମିଳୁ ନ ଥିବା ଓ ଅଧିକାଂଶ ସ୍ଥାନକୁ ଟ୍ରାକ୍ଟର ଯାଇ ପାରୁ ନ ଥିବାରୁ ଅମଳ ଧାନ ବିଲରେ ପଡି ରହିଛି। ଗୁରୁବାର ସନ୍ଧ୍ୟାରେ ବର୍ଷା ହୋଇ ଯାଇଥିବାରୁ ଅମଳ ଧାନ ଓ ବିଲରେ ଥିବା ଧାନ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି।



ଧାନ କଟାଯାଇ ବିଲରେ ପଡ଼ିଛି।

## ■ ଜିଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ
# ୨୪ ଘଣ୍ଟାରେ ମିଳିବ ବିକ୍ରିଲବ୍ଧ ଅର୍ଥ

**କେନ୍ଦ୍ରାପଡା ଅଫିସ, ୨୭।୧୨**

କେନ୍ଦ୍ରାପଡା ବ୍ଲକ କୁତୁରଙ୍ଗ ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଜିଲାସ୍ତରୀୟ ଧାନମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଜିଲାପାଳ ସମର୍ଥ ବର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାପାଳ ବର୍ମା କହିଥିଲେ ଯେ, ଚାଷୀ ମଣ୍ଡିରେ ଧାନ ବିକ୍ରୟର ୨୪ ଘଣ୍ଟା ମଧ୍ୟରେ ବ୍ୟାଙ୍କ ଆକାଉଣ୍ଟକୁ ଅର୍ଥ ପ୍ରଦାନ ପାଇଁ ବ୍ୟବସ୍ଥା ହୋଇଛି । ଧାନମଣ୍ଡିରେ ଚାଷୀଙ୍କୁ ସଠିକ ମୂଲ୍ୟ ପ୍ରଦାନକୁ ସେ ଗୁରୁତ୍ୱ ଦେଇଥିଲେ। ଉପଜିଲାପାଳ ତଥା ଆରଏମସି ଅଧ୍ୟକ୍ଷ ଜ୍ୟୋତିଶଙ୍କର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ନୀତି ନିୟମରେ ଧାନମଣ୍ଡି ଚାଲିବ ପ୍ରକାଶ କରିଥିଲେ । ସମବାୟ ସମିତିର ସହକାରୀ ନିବନ୍ଧକ ଅଶୋକ କୁମାର ବେହେରା ଧାନମଣ୍ଡି ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ରବୀନ୍ଦ୍ର କୁମାର ବିଶ୍ୱାଳ, ସରପଞ୍ଚ ସୀତାସୁନ୍ଦରୀ ମଲ୍ଲିକ, ଆରଏମସି ଉପାଧ୍ୟକ୍ଷ ବିଜୟ କୁମାର ପରିଡା, ସମ୍ପାଦକ ଅଜୟ କୁମାର ରାଉତ, ସମିତି ସଭାପତି ସସ୍ମିତା ସାହୁ, ସମ୍ପାଦକ ଚିତ୍ତରଞ୍ଜନ ଦାସ, ସମବାୟ ଇନ୍ସପେକ୍ଟର ସଚ୍ଚିଦାନନ୍ଦ ଜେନା ପ୍ରମୁଖ ସାମିଲ ହୋଇଥିଲେ ।

## ■ ସ୍କୁଲ ମିଶ୍ରଣକୁ ବିରୋଧ
# ବସପୁର ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ରୀଛାତ୍ର ଓ ଗ୍ରାମବାସୀ।

**କେନ୍ଦ୍ରାପଡା ଅଫିସ, ୨୭।୧୨**

ଡେରାବିଶ ବ୍ଲକର ବସପୁର ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ୍ ଥିବାରୁ ଏହି ବିଦ୍ୟାଳୟକୁ ଦେଢ଼ କିଲୋମିଟର ଦୂର ଆରିପଦା ନୋଡାଲ ହାଇସ୍କୁଲ ସହିତ ମିଶ୍ରଣ ହୋଇଛି । ଏହାକୁ ବିରୋଧ କରି ବସପୁର ଗ୍ରାମବାସୀ ଶୁକ୍ରବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏ ସମ୍ପର୍କରେ ଗ୍ରାମର ସୌଦାମିନୀ ନାୟକ କହିଛନ୍ତି ଯେ, ଏହି ବିଦ୍ୟାଳୟ ୧୯୫୨ ମସିହାରେ ସ୍ଥାପିତ ହୋଇଛି । ୨୦୧୭– ୧୮ ଶିକ୍ଷାବର୍ଷରେ ବିଦ୍ୟାଳୟରେ ମାତ୍ର ୧୬ ଶିକ୍ଷାର୍ଥୀ ଥିବାରୁ ସରକାରଙ୍କ ବିଦ୍ୟାଳୟ ମିଶ୍ରଣ ନିୟମ ଅନୁଯାୟୀ ଏହାର ମିଶ୍ରଣ ହୋଇଛି। ତେବେ ଆରିପଦା ହାଇସ୍କୁଲ ବସପୁର ଠାରୁ ଦେଢ଼ କିଲୋମିଟର ଦୂର । ଏହି ରାସ୍ତାରେ ସର୍ବଦା ଗାଡି ମୋଟର ଯାତାୟାତ ହେଉଛି । ରାସ୍ତାରେ ଛୋଟ ଛୁଆଙ୍କ ଯାତାୟାତ ସୁରକ୍ଷିତ ନୁହେଁ । ଏଥିସହିତ ଚଳିତ ଶିକ୍ଷାବର୍ଷରେ ଏହି ବିଦ୍ୟାଳୟର ଶିକ୍ଷାର୍ଥୀଙ୍କ ସଂଖ୍ୟା ୨୧ ଥିବାରୁ ଆରିପଦା ପରିବର୍ତ୍ତେ ବସପୁର ପ୍ରାଥମିକ ବିଦ୍ୟାଳୟକୁ ପୂର୍ବପରି ଚାଲୁ କରାଯାଉ । ନଚେତ୍ ପିଲାମାନଙ୍କୁ ଆରିପଦାକୁ ପଠାଇବୁ ନାହିଁ ବୋଲି ଜିଲାପାଳଙ୍କୁ ଦିଆ ଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ରାଜକିଶୋର ନାୟକ, ମନୋଜ କୁମାର ବାରିକ, ଓମ୍‌ପ୍ରକାଶ ଦାଶଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ମହିଳା ଓ ଶିଶୁ ସାମିଲ ହୋଇଥିଲେ ।

### ଅର୍ଥନୀତି ବିଭାଗର ଅଭିଭାବକ ବୈଠକ

**କେନ୍ଦ୍ରାପଡା ଅଫିସ, ୨୭।୧୨**

ସହରର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ ଅଭିଭାବକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ରଞ୍ଜିତ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରାଧ୍ୟାପକ ଅଜୟ କୁମାର ରାଉତ, ଡ. ମଥୁରୀଚରଣ ନାୟକ ଓ ଅଧ୍ୟାପକ ଦୁର୍ଗାପ୍ରସାଦ ଷଡଙ୍ଗୀଙ୍କ ସମେତ ବହୁ ଅଭିଭାବକ ସାମିଲ ହୋଇଥିଲେ । ବିଭାଗୀୟ ମୁଖ୍ୟ ନିତ୍ୟସୁନ୍ଦର ମାଣିକ ଗବେଷଣା ଓ ବୃତ୍ତିଗତ ଜୀବନ ଗଠନରେ ଅର୍ଥଶାସ୍ତ୍ରର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

# ମଦ ଦୋକାନ ବିକ୍ରୟ ବନ୍ଦ ଦାବି



ଡେରା ପଞ୍ଚାୟତବାସୀ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

**କେନ୍ଦ୍ରାପଡା ଅଫିସ,୨୭।୧୨**

ରାଜନଗର ବ୍ଲକ ଡେରା ପଞ୍ଚାୟତ ଭାଟସାହିରେ ଏକ ଠିପିଖୋଲା ବିଦେଶୀ ମଦ ଦୋକାନ ରହିଛି । ତେବେ ଡେରା ପଞ୍ଚାୟତବାସୀଙ୍କ ପକ୍ଷରୁ ଏହି ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ଦାବି କରି ଶୁକ୍ରବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏ ସମ୍ପର୍କରେ ସରପଞ୍ଚ ହେମଲତା ସାହାଣୀ କହିଛନ୍ତି ଯେ, ଗ୍ରାମାଞ୍ଚଳର ଏହି ପଞ୍ଚାୟତବାସୀ ଚାଷ ଉପରେ ନିର୍ଭର କରିଥାନ୍ତି । ଅଧିକାଂଶ ଲୋକଙ୍କ ଆର୍ଥିକ ପରିସ୍ଥିତି ଭଲ ନୁହେଁ । ଏହାସତ୍ତ୍ୱେ ଭାଟପଡାରେ ମଦ ବ୍ୟବସାୟ ଜାରି ରହିଥିବାରୁ ପାରିବାରିକ ବିଶୃଙ୍ଖଳା ବଢି ଚାଲିଛି । ତେଣୁ ତୁରନ୍ତ ଏହାକୁ ବନ୍ଦ କରିବା ପାଇଁ ଦାବି ହେଉଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ଦେବେନ୍ଦ୍ର କୁମାର ଜେନା, ସତ୍ୟବାଦୀ ରାଉତ, ସଞ୍ଜୟ କୁମାର ଦାସଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ସାମିଲ ହୋଇଥିଲେ ।

**ଟ୍ରେନ୍ ନଂ.18117/18118**
**ରାଉରକେଲା-ଗୁଣୁପୁର-ରାଉରକେଲା**
**ରାଜ୍ୟରାଣୀ ଏକ୍ସପ୍ରେସ୍‌ର**
**ଚଳାଚଳ ଦିବସରେ ବୃଦ୍ଧି**

ଟ୍ରେନ୍ ନଂ.18117/18118 ରାଉରକେଲା-ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍ ତା.28.12.2019ରିଖ ଠାରୁ ରାଉରକେଲାରୁ ଏବଂ ତା.29.12.2019ରିଖ ଠାରୁ ଗୁଣୁପୁରରୁ ଚଳାଚଳ ଦିବସ ସପ୍ତାହରେ 06 ଦିନ ପରିବର୍ତ୍ତେ ସବୁଦିନ ଚଳାଚଳ କରିବା ନିମନ୍ତେ ନିମ୍ନ ଅନୁଯାୟୀ ନିଷ୍ପତ୍ତି ଗ୍ରହଣ କରାଯାଇଛି :

| ଟ୍ରେନ୍ ନଂ. | ବର୍ତ୍ତମାନ ଚଳାଚଳ କରୁଥିବା ଦିନ | ସଂଶୋଧିତ ଚଳାଚଳ କରିବା ଦିନ | ପ୍ରାରମ୍ଭିକ ଷ୍ଟେସନରୁ ଯାତ୍ରା ଆରମ୍ଭ |
|---|---|---|---|
| 18117 ରାଉରକେଲା-ଗୁଣୁପୁର ଏକ୍ସପ୍ରେସ୍ | ଶନିବାରକୁ ଛାଡ଼ି 06 ଦିନ | ପ୍ରତିଦିନ | 28.12.2019 |
| 18118 ଗୁଣୁପୁର-ରାଉରକେଲା ଏକ୍ସପ୍ରେସ୍ | ରବିବାରକୁ ଛାଡ଼ି 06 ଦିନ | ପ୍ରତିଦିନ | 29.12.2019 |

ପୂର୍ବ ତଟ ରେଳପଥ
PR-612/K/19-20

# ପାଟକୁରାର ବିକାଶ ପାଇଁ ସଙ୍କଳ୍ପ ନେବାକୁ ଆହ୍ୱାନ
## ■ ବିଜେଡିର ୨୩ ତମ ପ୍ରତିଷ୍ଠା ଉତ୍ସବ

**ପାଟକୁରା/ ଡେରାବିଶ,୨୭।୧୨(ଡି.ଏନ.ଏ/ସ୍ୱ.ପ୍ର.)**

ପାଟକୁରା ନିର୍ବାଚନମଣ୍ଡଳୀର ସାମୂହିକ ବିକାଶ ପାଇଁ ସଂକଳ୍ପ ନେବାକୁ ବିଧାୟିକା ସାବିତ୍ରୀ ଅଗ୍ରୱାଲ ମତବ୍ୟକ୍ତ କରିଛନ୍ତି । ଗୁରୁବାର ଗରଦପୁର ବ୍ଲକ ଅନ୍ତର୍ଗତ ବଙ୍ଗାଳପୁର ପଞ୍ଚାୟତ ଚଁପୁର ହାଟ ପଡିଆରେ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟିକା ଅଗ୍ରୱାଲ ଆହୁରି କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପୂର୍ବତନ ବିଧାୟକ ବେଦପ୍ରକାଶ ଅଗ୍ରୱାଲ ପାଟକୁରା ଅଞ୍ଚଳର ବିକାଶ ପାଇଁ ଯେଉଁ କାମ ସବୁ ହାତକୁ ନେଇଥିଲେ ସେ ତାହା ଜାରି ରଖିବେ । ଏଥିପାଇଁ ସେ ସମସ୍ତ କର୍ମୀ ଓ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ଏହି ଉତ୍ସବରେ ବରିଷ୍ଠ ବିଜେଡି ନେତା ପ୍ରମୋଦ କୁମାର ରଥ ଅଧକ୍ଷତା କରିଥିଲେ । ଯୁବନେତା ସଞ୍ଜୟ ଅଗ୍ରୱାଲ, ଡେରାବିଶ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ଗରଦପୁର ବ୍ଲକ ଅଧକ୍ଷା ସ୍ୱର୍ଣ୍ଣପ୍ରଭା ସେଠୀ, ଡେରାବିଶ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁ, ଜିଲା ପରିଷଦ ସଭ୍ୟା ସୁଜାତା ରାଉତରାୟ, ପୂର୍ଣ୍ଣିମା ମଲ୍ଲ, ମନୋରମା ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟା କନକଲତା କଣ୍ଡି, ଗରଦପୁର ବ୍ଲକ ପୂର୍ବତନ ଅଧକ୍ଷ ବାସୁଦେବ ବେହେରା, ଶିକ୍ଷାବିତ୍ ଅରକ୍ଷିତ ସାମନ୍ତରାୟ, ଯୁବନେତା ରାକେଶ ମହାପାତ୍ର, ଲିଙ୍ଗରାଜ ନାୟକ, ଶଶାଙ୍କ ପଣ୍ଡା, ସୂର୍ଯ୍ୟମଣି ସେଠୀ, ଭବାନୀ ପ୍ରସାଦ ଓଝା, ଈଶ୍ୱର ଚନ୍ଦ୍ର ପୃଷ୍ଟି ପ୍ରମୁଖ ବହୁ ବରିଷ୍ଠ ନେତା ଅତିଥି ଭାବେ ଯୋଗ ଦେଇଥିଲେ । ବିଜୁ ଜନତା ଦଳ ଓଡିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ଉପରେ ପ୍ରତିଷ୍ଠିତ ବୋଲି ନେତୃମଣ୍ଡଳୀ ମତବ୍ୟକ୍ତ କରିଥିଲେ । ଯୁବନେତା ନାରାୟଣ ପ୍ରସାଦ ସ୍ୱାଇଁ, ଅଶୋକ କୁମାର ଜେନା, ସୁଜାତା ମିଶ୍ର, ଜ୍ୟୋତିରଞ୍ଜନ ନାୟକ, ଇନ୍ଦାଲୋ ସରପଞ୍ଚ ରଶ୍ମିତା ଜେନା, ମଧୁସୂଦନ ଘଡେଇ ପ୍ରମୁଖ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ ।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କର ଶିଳାନ୍ୟାସ



ଶିଳାନ୍ୟାସ ଉତ୍ସବରେ ବିଧାୟିକା ସାବିତ୍ରୀ ଅଗ୍ରୱାଲ ଓ ଅନ୍ୟମାନେ ।

**ପାଟକୁରା,୨୭।୧୨ (ଡି.ଏନ୍.ଏ.)**

ଶୁକ୍ରବାର ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ଗରଦପୁର ବ୍ଲକ ଅଧୀନ ନରେନ୍ଦ୍ରପୁର–ତେଣ୍ଡାକୁଡ଼ା ରାସ୍ତାର ପୋଷ୍ଟ ଅଫିସ୍ ଛକ ଠାରୁ ଜୟତଳଙ୍ଗ ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଶିଳାନ୍ୟାସ କରିଛନ୍ତି । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ହେବାକୁ ଥିବା ୧ କିଲୋମିଟର ୩୫୦ ମିଟରର ଏହି ରାସ୍ତା ପାଇଁ ୬୩ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ପାଟକୁରା ଗ୍ରାମ ଉନ୍ନୟନ ସଂସ୍ଥା ଏହି ରାସ୍ତାର ନିର୍ମାଣ ଦାୟିତ୍ୱରେ ଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ ଆସନ୍ତା ମାର୍ଚ୍ଚରେ ସମ୍ପୂର୍ଣ୍ଣ ହେବ ବୋଲି ବରିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସନ୍ଧିବିଗ୍ରହ ସୂଚନା ଦେଇଛନ୍ତି । ଏହି ରାସ୍ତା ସଂପୂର୍ଣ୍ଣ ହେଲେ ତେଣ୍ଡାକୁଡ଼ା, ଆଳିଜଙ୍ଗା, ଜୟତଳଙ୍ଗ ଓ ଶଙ୍କରଭୋଳ ଗ୍ରାମର ଜନସାଧାରଣ ଉପକୃତ ହୋଇପାରିବେ । ଶିଳାନ୍ୟାସ ଉତ୍ସବରେ ବିଧାୟିକାଙ୍କ ସହିତ ପାଟକୁରା ବିଜେଡି ନେତା ସଞ୍ଜୟ ଅଗ୍ରୱାଲ, ବିଧାୟିକାଙ୍କ ପ୍ରତିନିଧି ନାରାୟଣ ସ୍ୱାଇଁ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମହାନ୍ତି, ମୀର ଗୁଲାମ୍ ହୁଏସେନ୍, ପୂର୍ବତନ ସରପଞ୍ଚ ଅଶୋକ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।



## ସଂକ୍ଷେପରେ

### ୬ରୁ କେନ୍ଦ୍ରାପଡ଼ା ପୁସ୍ତକ ମେଳା ଆରମ୍ଭ

**କେନ୍ଦ୍ରାପଡା ଅଫିସ, ୨୭।୧୨:** ଆସନ୍ତା ଜାନୁୟାରୀ ମାସ ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ କେନ୍ଦ୍ରାପଡା ପୁସ୍ତକ ମେଳା ଆୟୋଜିତ ହେବ । ସହରର ମହିପାଲସ୍ଥିତ ଟେଲିକମ ଗ୍ରାଉଣ୍ଡ ଠାରେ କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ଦ୍ୱାରା ଆୟୋଜିତ ଏହି ମେଳାରେ ରାଜ୍ୟର ଅନେକ ନାମୀଦାମୀ ପୁସ୍ତକ ପ୍ରକାଶନ ସଂସ୍ଥା ଓ ବିକ୍ରେତାମାନେ ଯୋଗ ଦେବେ । ଏଥିସହିତ ଦୈନିକ ବୌଦ୍ଧିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କେମ୍ ସଭାପତି ଅକ୍ଷୟ କୁମାର ପାଣି ଗଣମାଧ୍ୟମକୁ ଗୁରୁବାର ସୂଚନା ଦେଇଛନ୍ତି । ସେ ପ୍ରକାଶ କରିଛନ୍ତି ଯେ, ପ୍ରତ୍ୟେକ ସନ୍ଧ୍ୟାରେ ସାହିତ୍ୟିକ, ବୁଦ୍ଧିଜୀବୀ, ସାମାଜିକ କର୍ମୀଙ୍କ ସମାବେଶ ହେବା ସହିତ ଆଲୋଚନାଚକ୍ର, ସାହିତ୍ୟ ଓ ସାମାଜିକ କର୍ମରେ ଲିପ୍ତ ଥିବା ବ୍ୟକ୍ତି ଏଥିପାଇଁ ଅନୁଷ୍ଠିତ ସଭାରେ ଯୋଗ ଦେବେ । ସେହିପରି କେତେକ ପୁସ୍ତକ ଏହି ସଭାରେ ଉନ୍ମୋଚିତ ହେବାର କାର୍ଯ୍ୟକ୍ରମ ରହିଛି ।

### ସିଡବ୍ଲ୍ୟୁସିରେ ଅଭିଯୋଗ କଲେ ପୀଡିତା ନାବାଳିକା

**କେନ୍ଦ୍ରାପଡା ଅଫିସ, ୨୭।୧୨:** ନିକିରାଇ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗର୍ଭବତୀ କରି ଅଭିଯୁକ୍ତ ଫେରାର ଅଛନ୍ତି। ଏ ନେଇ ଥାନାରେ ମାମଲା ରୁଜୁ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ପୀଡିତା ନାବାଳିକା ଓ ତାଙ୍କ ପରିବାର ସଦସ୍ୟ ସିଡବ୍ଲୁସି ଅଧ୍ୟକ୍ଷା ସ୍ମିତାଞ୍ଜଳୀ ମହାପାତ୍ରଙ୍କ ନିକଟରେ ଶୁକ୍ରବାର ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଅଧ୍ୟକ୍ଷା ମହାପାତ୍ର ସୂଚନା ଦେଇଛନ୍ତି ଯେ, ସଂପୃକ୍ତ ଅଭିଯୁକ୍ତ ପୀଡିତା ନାବାଳିକାଙ୍କୁ ପ୍ରତାରିତ କରିଛନ୍ତି । ଏନେଇ ଗତ ୧୧ ତାରିଖରେ ଥାନାରେ ଅଭିଯୋଗ ହେବା ପରେ ମାମଲା ରୁଜୁ ହୋଇଛି । ଏ ସମ୍ପର୍କରେ ଥାନା ଅଧିକାରୀ କାବୁଲି ବାରିକ କହିଛନ୍ତି ଯେ, ସଂପୃକ୍ତ ପୀଡିତାଙ୍କ ଡାକ୍ତରୀ ପରୀକ୍ଷା ସହ କୋର୍ଟରେ ବୟାନ ରେକର୍ଡ ହୋଇଛି । ତେବେ ପୀଡିତାଙ୍କୁ ଆଉ ଥରେ ଡାକ୍ତରୀ ପରୀକ୍ଷା କରାଯିବାର ଆବଶ୍ୟକତା ଅଛି । ଅଭିଯୁକ୍ତ ଫେରାର ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିନାହିଁ।

### ଆଥ୍‌ଲେଟିକ ମିଟ୍ ପାଇଁ କେନ୍ଦ୍ରାପଡାରୁ ୨୮ ପ୍ରତିଯୋଗୀ

**କେନ୍ଦ୍ରାପଡା ଅଫିସ,୨୭।୧୨:** କଟକର ବାରବାଟି ଷ୍ଟାଡିୟମରେ ଆସନ୍ତାକାଲି ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଆଥେଲେଟିକ ମିଟ ହେବ । ଏହି ପ୍ରତିଯୋଗିତାରେ କେନ୍ଦ୍ରାପଡା ଜିଲାରୁ ୨୮ ପ୍ରତିଯୋଗୀ ଭାଗ ନେଉଛନ୍ତି ବୋଲି କୋଚ ସେକ୍ ସୌକତ ଖାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ଖୋଲିଲା ଧାନମଣ୍ଡି, ମିଲରଙ୍କ ଦେଖାନାହିଁ

**ରାଜନଗର,୨୭।୧୨(ଡି.ଏନ.ଏ.)**



ଚାଷୀ ମଣ୍ଡିରେ ଧାନ ରଖି ବିକ୍ରି ପାଇଁ ଅପେକ୍ଷା କରିଛନ୍ତି ।

ରାଜ୍ୟ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ତାରିଖ ଅନୁଯାୟୀ ଶୁକ୍ରବାର ରାଜନଗର ବ୍ଲକର ୧୩ଟି ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲାଯାଇଛି। ଜିଲା ଯୋଗାଣ ନିଗମ ପକ୍ଷରୁ ମଣ୍ଡି ଖୋଲାଯିବା ସହିତ ଚାଷୀଙ୍କ ଠାରୁ ଉଚିତ ମୂଲ୍ୟରେ ଧାନ ସଂଗ୍ରହ କରିବା ପାଇଁ ମିଲରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଚାଷୀମାନେ ଧାନ ଧରି ମଣ୍ଡିରେ ପହଞ୍ଚି ଥିଲେ ହେଁ ଜଣେ ହେଲେ ମିଲର ମଣ୍ଡିକୁ ଆସି ଧାନ ସଂଗ୍ରହ କରିନାହାନ୍ତି। ଫଳରେ ଚାଷୀମାନେ ସେମାନଙ୍କ ଧାନକୁ ଜଗି ବସିଛନ୍ତି । ରାଜନଗର ସେବା ସମବାୟ ସମିତି ମଣ୍ଡିରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଏ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରାଜନଗର ବ୍ଲକର ବଡନାଉକଣା, ଭାଟପଡା, ଚାନ୍ଦିବାଉଁଶମୂଳ, ଡାଙ୍ଗମାଳ, ଡେରା, କୋଇଲିପୁର, କୁରଣ୍ଟି, ନୋଧାବସନ୍ତ, ତାଳଚୁଆ, ଓସ୍ତିଆ, ରାଜନଗର, ଗୋପାଳପୁର, ବାଲିସାହିପାଟଣା ପ୍ରଭୃତି ୧୩ଟି ପ୍ରାଥମିକ ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲିଛି। ଭାଟପଡା ସେବା ସମବାୟ ସମିତିରେ ଧାନମଣ୍ଡିକୁ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସେଠୀ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାନବଡଗୋପାଳପୁର ସରପଞ୍ଚ ପ୍ରଭାତି ସେଠୀ, ସମିତି ସଭ୍ୟ ସୁମନ୍ତ କୁମାର ସେଠୀ, ଭାଟପଡା ସେବା ସମବାୟ ସମିତି ସଭାପତି ଦିଲିପ କୁମାର ପାତ୍ର, ବାଲିସାହିପାଟଣା ସେବା ସମବାୟ ସମିତି ସଭାପତି କୈଳାସ ଚନ୍ଦ୍ର ପରିଡା, ପରିଚାଳନା ପରିଷଦର ସଦସ୍ୟ ଧର୍ମାନନ୍ଦ ପରିଡା, ରଞ୍ଜିତ କୁମାର ପରିଡା, ଅକ୍ଷୟ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ । ସମିତିର ସଂପାଦକ ନୀଳମଣି ପ୍ରଧାନ, ସହ ସଂପାଦକ ଆଶିଷ କୁମାର ସ୍ୱାଇଁ, ପ୍ରିୟ ରଞ୍ଜନ ରାଉତ, ନିରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ରାଜନଗର ସେବା ସମବାୟ ସମିତି ଧାନମଣ୍ଡିକୁ ରାଜନଗର ପଞ୍ଚାୟତର ସରପଞ୍ଚ ତଥା ସେବା ସମବାୟ ସମିତିର ସଭାପତି ପ୍ରଭାତ ଚନ୍ଦ୍ର ମିଶ୍ର ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେବା ସମବାୟ ସମିତିର ନିର୍ଦ୍ଦେଶକ ରବି ନାରାୟଣ ଲେଙ୍କା, ଦଧିବାମନ ଭୂୟାଁ, ସଂପାଦକ ଜ୍ଞାନ ରଞ୍ଜନ ନାୟକ, ନୀଳମଣି ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଓସ୍ତିଆ ସେବା ସମବାୟ ସମିତି ଧାନମଣ୍ଡିକୁ ସରପଞ୍ଚ କେଦାର କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମିତିସଭ୍ୟ ପାରେଶ୍ୱର ରାଉତ, ସମିତିର ସଭାପତି ସୌଦାଗର ବିଶ୍ୱାଳ, ପରିଚାଳନା ପରିଷଦ ସଦସ୍ୟ ନଳିନୀକାନ୍ତ ପ୍ରଧାନ, କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସଂପାଦକ ସତ୍ୟ ନାରାୟଣ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗର୍ଭଧାରିଣୀ ଆଉ କ୍ଷୀର ଦିଆ**
**ଗୁରୁପତ୍ନୀ ଆଉ ସାବତ ମାଆ**
**ମାଈଁ, ବ୍ରାହ୍ମଣୀ ଧାଇ ଆଉ ଗାଈ**
**ଶାସ୍ତ୍ରେ ଏମାନଙ୍କୁ ଜନନୀ କହି ।**

ଯିଏ ସନ୍ତାନଙ୍କୁ ଗର୍ଭରେ ଧାରଣ କରିଥାଏ, କ୍ଷୀରପାନ କରାଇଥାଏ ସେ ମା' ହୋଇଥାଏ । ଗୁରୁଙ୍କ ପତ୍ନୀ, ସାବତ ମାଆ, ମାଇଁ ତଥା ଧାଇ ଏ ସମସ୍ତେ ମାତୃତୁଲ୍ୟ ହୋଇଥାନ୍ତି। ସେହିପରି ଗାଈକୁ ଗୋମାତା ଭାବେ ପୂଜା କରାଯାଇଥାଏ। ଶାସ୍ତ୍ର ମତରେ ଏମାନେ ଜନନୀ ପଦବାଚ୍ୟ ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଗୋଠ ସୁସାର ଥିଲେ**
**ଗାଈ ହମାଳି ପଶେ ।**

ଯେଉଁଠି ସ୍ନେହ ଆଦର ଭାବ ରହିଥାଏ ସେଇଠି ମନ ଅକ୍ଲେଶରେ ବା ଆପଣାଛାଏଁ ବାନ୍ଧି ହୋଇଯାଇଥାଏ । ଅନାବିଳ ସ୍ନେହ ଶ୍ରଦ୍ଧା ପାଶେ ମନ ବନ୍ଧା ପଡ଼ିଯାଇଥାଏ । ଆଦର ଯତ୍ନ ପାଇଲେ ଲୋକେ ସେଠାକୁ ପୁଣି ଆସିବାକୁ ମନ ବଳାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଅଣୁକବି ବ୍ରହ୍ମାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡା ଅଫିସ, ୨୭।୧୨**

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ପଲ୍ଲିଶ୍ରୀ ମେଳା ପରିସରରେ ଗୁରୁବାର ଜିଲା ସାହିତ୍ୟ ସଂସଦ ପକ୍ଷରୁ ପ୍ରତିଷ୍ଠାତା ସଦସ୍ୟ ଅଣୁକବି ବ୍ରହ୍ମାନନ୍ଦ ଦାଶଙ୍କ ଚତୁର୍ଦ୍ଦଶତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକାରୀ ସଭାପତି କରୁଣାକର ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାବିତ ନନ୍ଦକିଶୋର ପରିଡା, ମନ୍ମଥନାଥ ବରାଳ, ପ୍ରଦୀପ କୁମାର ଦାଶ, ଆଦିକନ୍ଦ ରାଉଳ, ନୃସିଂହ ତ୍ରିପାଠୀଙ୍କ ସମେତ ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ଅତିଥିମାନେ ଅଣୁକବି ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରି ସାହିତ୍ୟ ଜଗତକୁ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ସମ୍ପାଦକ ଶୁଭ୍ରାଂଶୁ ଶେଖର ଦାସ ଅଣୁକବିଙ୍କ ସମ୍ପର୍କରେ ସୂଚନା ଦେଇଥିଲେ । ଏଥିସହ ଆଇନଜୀବୀ ସୁରେଶ ଚନ୍ଦ୍ର ସେନାପତିଙ୍କ ବିୟୋଗ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ କବିତା ପାଠୋତ୍ସବକୁ ବାସନ୍ତୀ ଦାସ ଓ ପ୍ରଣତି ପଣ୍ଡା ସଂଯୋଜନା କରିଥିଲେ । ଏଥିରେ ୫୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ ।

■ଡେରାବିଶ ମହୋତ୍ସବର ତୃତୀୟ ସନ୍ଧ୍ୟା

## ଭାଇଚାରାକୁ ସମୃଦ୍ଧ କରିଥାଏ ମହୋତ୍ସବ




ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଅତିଥିମାନେ।

**ଡେରାବିଶ,୨୭।୧୨(ସ୍ୱ.ପ୍ର.)**

ଭାଇଚାରା ସମ୍ପର୍କକୁ ସୁଦୃଢ଼ କରିଥାଏ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ଅଷ୍ଟମ ବାର୍ଷିକ ଡେରାବିଶ ମହୋତ୍ସବର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା । ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପଟ୍ଟନାୟକ କହିଥିଲେ ଯେ, ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଓ ସାଧବ ପୁଅର ସ୍ମୃତି ବହନ କରୁଥିବା କେନ୍ଦ୍ରାପଡ଼ା ମାଟି ସମଗ୍ର ଓଡ଼ିଶାକୁ ସଂସ୍କୃତିର ବାର୍ତ୍ତା ପ୍ରଦାନ କରିଛି। ଉତ୍ସବରେ ସାମାଜିକ କର୍ମୀ ସଚ୍ଚିଦାନନ୍ଦ ରଥ ଅଧ୍ୟକ୍ଷତା କରି ଡେରାବିଶର ସଂସ୍କୃତି ଓ ବୈଭବକୁ ପ୍ରତିଷ୍ଠା କରିବା ପାଇଁ ମହୋତ୍ସବ ଏକ ଆନ୍ଦୋଳନରେ ପରିଣତ ହୋଇଛି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଯୋଗଦେଇ ଡେରାବିଶର ପ୍ରାଚୀନ ଐତିହ୍ୟ ଓ ସଂସ୍କୃତି ସମ୍ପର୍କରେ ଅବତାରଣା କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଓ ଚିନ୍ମୟ ପ୍ରସାଦ ବେହୁରା ଯୋଗଦେଇ ଏହି ମହୋତ୍ସବ ମାଟିର ବରପୁତ୍ର ବୈଶ୍ୟ ସଦାଶିବ, ଗାୟକ ଶିରୋମଣି ନିରଞ୍ଜନ କର, ଗୀତିକାର ଅକ୍ଷୟ ମହାନ୍ତି, ନାଟ୍ୟକାର ଅନନ୍ତ ଓଝାଙ୍କ ସ୍ମୃତିକୁ ଆଉଥରେ ମନେପକାଇ ଦେଇଛି ବୋଲି କହିଥିଲେ। ଏହି ଉତ୍ସବରେ ଚାଟରାଚକଡ଼ା ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଭୁବନେଶ୍ୱରର ଆରାଧନା ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ପରିବେଷିତ ଗୋଟିପୁଅ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଏହି ଅବସରରେ ତାଏକୋଣ୍ଡୋରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ଯୁବକ ଆଶୁତୋଷ ଦାସଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ । ସୌଦାଗର ବେହେରା ମଞ୍ଚ ଓ ଅତୁଲ୍ୟ କୁମାର ରଥ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନନ୍ତ ଚରଣ ଭୂୟାଁ, ସାହାଜାନ୍ ଖାଁ, କରୁଣାକର କର, ଅଭିମନ୍ୟୁ ରାଉତ, ଅଧ୍ୟାପକ ପ୍ରଭାକର ସାମଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଡ୍ରେନେଜ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ଆଳି,୨୭।୧୨(ଡି.ଏନ.ଏ)**

ଆଳି ନୂଆବଜାରରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷାଜଳ ନିଷ୍କାସନ ମୁଖ୍ୟ ସମସ୍ୟା ହୋଇରହିଛି । ଏହି ସମସ୍ୟାର ସମାଧାନ ଲାଗି ଡ୍ରେନ ନିର୍ମାଣ କରିବା ନିମନ୍ତେ ଦୀର୍ଘ ଦିନ ହେଲା ଦାବି ହୋଇ ଆସୁଥିଲା । ଗତ କିଛି ଦିନ ପୂର୍ବରୁ ପୂର୍ତ୍ତ ବିଭାଗ ପକ୍ଷରୁ ଆଳି ବଜାରରେ ଡ୍ରେନ ନିର୍ମାଣ କରାଯିବା ପାଇଁ ସ୍ଥିର ହୋଇଥିଲା। ଶୁକ୍ରବାର ପୂର୍ବାହ୍ନରେ ଆଳି ବଜାରରେ ହେବାକୁ ଥିବା ଡ୍ରେନେଜ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କ ଦ୍ୱାରା କରାଯାଇଛି। ଏହି ପ୍ରକଳ୍ପ ନିର୍ମାଣ ନିମନ୍ତେ ୭୮ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିବା ଜଣାପଡିଛି। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ,୪ ନଂ ଜୋନ ଜିଲା ପରିଷଦ ସଭ୍ୟା ସତ୍ୟଭାମା ମଲ୍ଲିକ,ଦେମାଳ ସରପଞ୍ଚ ମନୋରଞ୍ଜନ ସାମଲ,ସମିତି ସଭ୍ୟ ସନ୍ତୋଷ ସାମଲ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଭୀଷ୍ମ ମହାନ୍ତି,ପ୍ରଦ୍ୟୁମ୍ନ ଦାଶ,ସାଂସଦ ପ୍ରତିନିଧି ନିର୍ମଳ ବେହେରା,ବାଳକାଟି ସରପଞ୍ଚ ଦିବାକର ନାୟକ,ରମେଶ ପଣ୍ଡା,ବିଜୟାନନ୍ଦ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

## ବଗପାଟିଆରେ ମାଗଣା ସ୍ୱାସ୍ଥ୍ୟ ଶିବିର

**ରାଜନଗର, ୨୭।୧୨(ଡି.ଏନ.ଏ.)**

ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତି ପକ୍ଷରୁ ରାଜନଗର ବ୍ଲକ ସାତଭାୟା ଥଇଥାନସ୍ଥଳୀ ବଗପାଟିଆ ଠାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତି, ବିଡିଓ ମନ୍ଦରଧର ମହାଳିକ, ସାତଭାୟା ସରପଞ୍ଚ ରଶ୍ମିତା ସାହାଣୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ୧୦୩୦ ଜଣ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିବିରରେ ଡା. ନିରାକାର ପରିଡା, ଡା. ହିମାଂଶୁ ଭୂଷଣ ଷଡଙ୍ଗୀ, ଡା. ମୋନାଲିସା ସ୍ୱାଇଁ, ଡା. ଆଦିତ୍ୟ ନାରାୟଣ ପ୍ରଧାନ, ଡା. ସୁଧାଂଶୁ ବାଳା ବେହେରା ପ୍ରମୁଖ ରୋଗୀଙ୍କୁ ଚିକିତ୍ସା କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶ୍ରୀକାନ୍ତ କୁମାର ଦାସ, ରବୀନ୍ଦ୍ର ପ୍ରଧାନ, ରବିନ୍ଦ୍ର ଜେଠୀ ଏବଂ ରଞ୍ଜନ କୁମାର ଦାସ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

■ବାଲିପାଟଣା ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

## ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ବଜାୟ ରଖିବାକୁ ଆହ୍ୱାନ



ଅତିଥିମାନେ ସ୍ମରଣିକା ଆରୁଣି ଉନ୍ମୋଚନ କରୁଛନ୍ତି ।

**ପଟ୍ଟାମୁଣ୍ଡାଇ, ୨୭।୧୨ (ସ୍ୱ.ପ୍ର)**

ପ୍ରତ୍ୟେକ ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ଓ ସମ୍ମାନ ବଜାୟ ରଖିବା ପାଇଁ ଉଦ୍ୟମ ଜାରି ରଖିବା ଏକାନ୍ତ ପ୍ରୟୋଜନ। ଶିକ୍ଷାନୁଷ୍ଠାନ ସହିତ ସଂପୃକ୍ତ ଅଞ୍ଚଳର ଗୌରବ ବୃଦ୍ଧି କଲେ ଅଞ୍ଚଳବାସୀଙ୍କ ଶିକ୍ଷା ପ୍ରତି ଆଗ୍ରହ ବଢିବ ବୋଲି ଶୁକ୍ରବାର ପଟ୍ଟାମୁଣ୍ଡାଇ ବ୍ଲକ ବାଲିପାଟଣା ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେଇ ଅତିଥିମାନେ ମତ ପ୍ରକାଶ କରିଛନ୍ତି । ହାଇସ୍କୁଲର ପୁରାତନ ଛାତ୍ର ସଂଗଠନ ତରଫରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ, ପାନୀୟ ଜଳ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା, ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ଜିତେନ୍ଦ୍ର ନାରାୟଣ ଦାସ ବେନହୁର ଯୋଗଦେଇ ପୁରାତନ ଛାତ୍ର ସଂଗଠନର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ବିଦ୍ୟା ମଣିଷକୁ ସଶକ୍ତ କରେ । ବ୍ୟକ୍ତି ନିଜ ସ୍ତରରୁ ସମୂହ ସ୍ତରକୁ ଯିବା ସହିତ ମାର୍ଗଦର୍ଶନ କରାଇଥାଏ ବୋଲି ଅତିଥିମାନେ କହିଥିଲେ । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଶିଳ୍ପ, ଶକ୍ତି ଓ ଗୃହ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର , କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଯୋଗଦେଇ ହାଇସ୍କୁଲର ପୁରାତନ ଛାତ୍ରୀଛାତ୍ରମାନେ ଏହି ସ୍କୁଲର ମର୍ଯ୍ୟାଦା ବୃଦ୍ଧି କରି ନିଜ ଜୀବନକୁ ସାର୍ଥକ କରିଥିବା କହିଥିଲେ ।

ପୁରାତନ ଛାତ୍ର ସଂଗଠନ ସଭାପତି ଶ୍ରୀକାନ୍ତ ବିଶ୍ୱାଳ ଉତ୍ସବରେ ସଭାପତିତ୍ୱ କରିଥିଲେ । ଗଗନ ବିହାରୀ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଦୀନମଣି ମଲ୍ଲିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି, ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିଥିମାନଙ୍କ ଦ୍ୱାରା ଉତ୍ସବର ସ୍ମରଣିକା ଆରୁଣି ଉନ୍ମୋଚନ କରାଯାଇଥିଲା । ଛାତ୍ର ସଂଗଠନ ପକ୍ଷରୁ ପୁରାତନ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରଦୀପ ମିଶ୍ର, ମୋହିନୀ ଦେବୀ ନୋଡାଲ ୟୁପି ସ୍କୁଲର ଦିବାକର ଦାଶ, ସହକାରୀ ଶିକ୍ଷକ ସଚିତ୍ର ବେହୁରାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ସଂଗଠନର ସମସ୍ତ ଛାତ୍ରୀଛାତ୍ର ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ପୁରାତନ ଛାତ୍ର ସୁବାସ ଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ । ୩ ଦିନ ଧରି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଚାଲିବାକୁ ଥିବା ବେଳେ ରବିବାର ଉଦ୍‌ଯାପିତ ହେବ ।

CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

ମହେଶ୍ୱରୀ ଫାଇନାନ୍ସ
LOAN IN 7 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ (2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact 9716825082

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିକର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Aastha - 9685015052
Rupali - 8963951185
Manisha - 9753016278
Mona - 7509774004
Janvi - 7566888563
Priyanka- 7649016745
Vasundhara Mall, West Boring Canal Rd, Rajapur, Patna, Bihar 800001

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free
ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

DHARITRI Career appointment Every Wednesday and Saturday

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |



ସମଗ୍ର ପୃଥିବୀ ତୁମ ପାଇଁ ପରିବର୍ତ୍ତନ ହେବ ନାହିଁ, ତୁମେ ନିଜକୁ ହିଁ ପରିବର୍ତ୍ତନ କରିବାକୁ ପଡ଼ିବା -ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ତହସିଲଦାରଙ୍କ ଚଢ଼ାଉ, ୨ଟ୍ରାକ୍ଟର, ୩ ହାଇୱା ଜବତ

**ରସୁଲପୁର,୨୭।୧୨(ଡିଏନଏ):** ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଶୁକ୍ରବାର ସନ୍ଧ୍ୟାରେ ବେଆଇନ ବାଲି, ଚିପ୍ସ ଚାଲାଣ ଉପରେ ରୋକ ଲଗାଇବା ପାଇଁ ବିଭିନ୍ନ ସ୍ଥାନରେ ବ୍ୟାପକ ଚଢାଉ କରିଛନ୍ତି। ଚଢାଉବେଳେ ଗୋଟିଏ ବାଲି ଓ ଗୋଟିଏ ବୋଲ୍ଡର ବୋଝେଇ ଟ୍ରାକ୍ଟର, ୩ଟି ଚିପ୍ସ ବୋଝେଇ ହାଇୱାକୁ ଜବତ କରିଛନ୍ତି। ଉକ୍ତ ଗାଡିଗୁଡିକୁ ତହସିଲଦାର ପୋଲିସ ହେପାଜତରେ ଥାନା ଓ ତହସିଲ ପରିସରକୁ ଆଣିଛନ୍ତି। ଏ ସବୁ ଗାଡି ଚାଳକ ୱାଇ ଫର୍ମ, ଜିଏସଟି ବିଲ୍ ଦେଖାଇ ପାରି ନ ଥିବାରୁ ତହସିଲଦାର ଗାଡ଼ିଗୁଡ଼ିକୁ ଜବତ କରିଥିଲେ। ଏ ସମ୍ପର୍କରେ ତହସିଲ ପକ୍ଷରୁ ଗାଡି ମାଲିକଙ୍କୁ ନୋଟିସ କରାଯାଇଛି। ମାଲିକମାନେ କାଗଜପତ୍ର ଦେଖାଇବା ସହ ଜରିମାନା ଦେବାପରେ ଗାଡିଗୁଡିକୁ ଛଡାଯିବ ବୋଲି ତହସିଦାର ପ୍ରକାଶ କରିଛନ୍ତି। ଚାଳକମାନେ ଗାଡି ଛାଡି ଫେରାର ହୋଇଯାଇଛନ୍ତି।

### ୫ରେ ମା' ଜାଗୁଳାଇ କ୍ରିକେଟ ଟୁର୍ନାମେଣ୍ଟ

**ସିଂହପୁର,୨୭।୧୨(ଡିଏନଏ):** ବିଞ୍ଝାରପୁର ବ୍ଲକ ହଳଦୀଡିହ ମେଡିକାଲ ପଡିଆରେ ଆସନ୍ତା ୫ ତାରିଖରେ ୧୬ଟି କ୍ରିକେଟ ଟିମ୍‌କୁ ନେଇ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲାବେଳେ ଏଥିରେ ଆୟୋଜକ ଟିମ୍‌ର ଦେବରାଜ ଦାସ, ତାନସେନ ପରିଡା, ଭାଗବତ ବେହେରା, ଅମିତ ବେହେରା, ବାସୁଦେବ ବେହେରା, ହରେକୃଷ୍ଣ ପରିଡା, ଅମିତ ଗୁରୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ସୁରଭି ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ସିଂହପୁର,୨୭।୧୨(ଡିଏନଏ):** ବିଞ୍ଝାରପୁର ବ୍ଲକ ସିଂହପୁର କାକୁଡି ପଡ଼ିଆରେ ଅଳିଆ ଆବର୍ଜନାମୟ ହୋଇପଡିଛି। ବିଭିନ୍ନ ବିଦ୍ୟାଳୟ ଏହି ପଡ଼ିଆରେ ବାର୍ଷିକ କ୍ରୀଡା କରି ପଡିଆକୁ ଅପରିଷ୍କାର କରୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏହାକୁ ସଫେଇ କରିବାକୁ ବିଞ୍ଝାରପୁର ସୁରଭି ପକ୍ଷରୁ ସଂଘର ସଭାପତି ନିର୍ମଳ ଚନ୍ଦ୍ର ମଲିକ, ଅମୀୟ ସାମଲ, ସୁରଭି ପରିବାରର ସଦସ୍ୟ ମାନଙ୍କ ଦ୍ୱାରା ସଫଇ ହୋଇଥିଲା। ଏଭଳି କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

### ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ଶୋକ

**ସିଂହପୁର,୨୭।୧୨(ଡିଏନଏ):** ବିଞ୍ଝାରପୁର ବ୍ଲକ ସିଂହପୁର ଗ୍ରାମର ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀବାଦୀ ଓ ପୂର୍ବତନ ସରପଞ୍ଚ ଜଗନ୍ନାଥ ସାହୁଙ୍କ ବିୟୋଗରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ନାଗରିକ ମଞ୍ଚର ସଦସ୍ୟ ପଦ୍ମନାଭ ଦାଶ, ଘନଶ୍ୟାମ ଦାସ, ନିରଞ୍ଜନ ଦାସ, ଅଜୟ ଓଝା, ଉମାକାନ୍ତ ନାୟକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଫେଲ୍ ମାରିଛି ଉଠା ଜଳସେଚନ ପ୍ରକଳ୍ପ

# ଖନନରେ ଚଞ୍ଚକତା, ସଂକଟରେ କୃଷି

**ଯାଜପୁର ଅଫିସ,୨୭।୧୨**

ଯାଜପୁର ଜିଲାରେ ୩୭୫୧ଟି ବିଭିନ୍ନ ଉଠା ଜଳସେଚନ (ଏଲ୍‌ଆଇ) ପ୍ରକଳ୍ପ ରହିଛି। ଏଥିରେ ୪୪,୧୪୧ ହେକ୍ଟର ଜମି ଜଳସେଚିତ ହେଉଥିବା ବିଭାଗ ପକ୍ଷରୁ ଦାବି କରାଯାଇଛି। ବାସ୍ତବପକ୍ଷେ ଶତାଧିକ ଏଲ୍‌ଆଇ ପ୍ରକଳ୍ପ ଅଚଳ ରହିଥିବାରୁ ଏହାର ଅର୍ଦ୍ଧାଧିକ ଜମିରେ ମଧ ପାଣି ମାଡୁ ନ ଥିବା ଅଭିଯୋଗ ହେଉଛି। ସରକାରୀଭାବେ ଏଲ୍‌ଆଇ ପ୍ରକଳ୍ପ ରହିଛି। ହେଲେ ସେଠାରେ ଭଙ୍ଗା ଦଦରା ଘର କେବଳ ଦେଖିବାକୁ ମିଳୁଛି। ପାଣି ପଞ୍ଚାୟତ ଦ୍ୱାରା ଚାଲିଥିବା ଅଧିକାଂଶ ପ୍ରକଳ୍ପ ଅଚଳ ହୋଇଛି। ଖଣି, ଶିଳ୍ପ ଆଦି ନାମରେ ଜଙ୍ଗଲ ଓ ପରିବେଶ ନଷ୍ଟ ଯୋଗୁ ଅନାବୃଷ୍ଟି ବା ସ୍ୱଳ୍ପ ବୃଷ୍ଟି ହେଉଥିବାବେଳେ ଶିଳ୍ପ କାରଖାନାଗୁଡିକ ମନଇଚ୍ଛା ଭୂତଳ ଜଳ ବ୍ୟବହାର କରୁଛନ୍ତି। ଫଳରେ ଭୂତଳ ଜଳସ୍ତର ହ୍ରାସ ପାଉଛି। ଏହିକ୍ରମରେ ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉ ନ ଥିବାରୁ ଜିଲାର କୃଷି ସଙ୍କଟରେ ରହିଛି। ଏଲ୍‌ଆଇ ପ୍ରକଳ୍ପ ଖନନରେ ଚଞ୍ଚକତା ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ବିଭାଗୀୟ ଉଦାସୀନତା ଓ ଆନ୍ତରିକତାର ଅଭାବ ଯୋଗୁ ଏହି ଯୋଜନା ଲକ୍ଷ୍ୟଚ୍ୟୁତ ହୋଇଛି। ଜଳାଭାବ ଯୋଗୁ ଜିଲାର ଚାଷୀ ରବି ଋତୁ ଚାଷ ଉପରୁ ମୁହଁ ଫେରାଇ ନେଇଛନ୍ତି। ଏଭଳି ସ୍ଥିତିରେ ଏଲଆଇ ପ୍ରକଳ୍ପର ବହୁ ଗୁରୁତ୍ୱ ରହୁଥିବାବେଳେ ବିଭାଗୀୟ ପ୍ରୋତ୍ସାହନ ଅଭାବରୁ ଚାଷୀକୂଳ ଜଳସେଚନରୁ ବଞ୍ଚିତ ହେଉଛନ୍ତି। ଜିଲାର କୋରେଇ ବ୍ଲକରେ ସର୍ବାଧିକ ୮୪୧୭ ହେକ୍ଟର ଜମିରେ ୧୦୩୩ ପ୍ରକଳ୍ପ ଜରିଆରେ ପାଣି ମାଡୁଥିବା କୁହାଯାଉଛି। ଏହାର ତଳକୁ ବଡ଼ଚଣା ବ୍ଲକର ୬୪୪ଟି ପ୍ରକଳ୍ପରେ ୫୭୬୨ ହେକ୍ଟର, ଧର୍ମଶାଳାର ୪୨୫ ପ୍ରକଳ୍ପରେ ୪୫୭୪ ହେକ୍ଟର, ବରୀର ୩୦୨ ପ୍ରକଳ୍ପ ଜରିଆରେ ୪୮୭୩ ହେକ୍ଟର, ବିଞ୍ଝାରପୁରର ୨୧୧ ପ୍ରକଳ୍ପରେ ୪୪୮୩ ହେକ୍ଟର, ଯାଜପୁରର ୨୪୦ ପ୍ରକଳ୍ପରେ ୪୪୮୩ ହେକ୍ଟର, ରସୁଲପୁରର ୧୯୫ଟି ପ୍ରକଳ୍ପରେ ୩୭୩୬ ହେକ୍ଟର, ସୁକିନ୍ଦାର ୩୩୭ ପ୍ରକଳ୍ପରେ ୧୪୬୨ ହେକ୍ଟର, ଦାନଗଦୀର ୧୮୨ ପ୍ରକଳ୍ପରେ ୧୬୩୬ ହେକ୍ଟର ଓ ଦଶରଥପୁର ବ୍ଲକର ୧୮୨ ପ୍ରକଳ୍ପରେ ୪୭୧୫ ହେକ୍ଟର ଜମିରେ ପାଣି ମାଡୁଥିବା ବିଭାଗୀୟ ରିପୋର୍ଟରେ ଦର୍ଶାଯାଇଛି। ହେଲେ ପ୍ରତ୍ୟେକ ପ୍ରକଳ୍ପରେ ଦୁର୍ନୀତି ରହିଥିବା ଅଭିଯୋଗ ହୋଇଛି। ଚାଷୀଙ୍କୁ ସହଜରେ ଋଣ ଦିଆଯାଉ ନ ଥିବାବେଳେ ପ୍ରକଳ୍ପ ଖନନ ସମୟରେ ବହୁ ଅନିୟମିତତା ହେଉଥିବା କେତେଜଣ ଚାଷୀ ପ୍ରକାଶ କରିଛନ୍ତି। ପ୍ରକଳ୍ପ ଖନନରେ ଗଭୀରତା ଉପରେ ଚଞ୍ଚକତା, ନିର୍ଦ୍ଧାରିତ ପାଇପ ବ୍ୟବହାର ନ କରିବା, ବିଦ୍ୟୁତୀକରଣ ଓ ନିମ୍ନମାନର ମୋଟର ଲଗାଯାଉଥିବାରୁ ଅଧିକାଂଶ ପ୍ରକଳ୍ପ ଅକାମୀ ହୋଇପଡିଛି। ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ପାଣି ପଞ୍ଚାୟତକୁ ଦାୟିତ୍ୱ ହସ୍ତାନ୍ତର କରାଯାଉଥିଲେ ବି ଏଥିପାଇଁ ପ୍ରକଳ୍ପ ଠିକ୍‌ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଏହି ମହାଦୁର୍ନୀତି ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଚାଷୀ ମହଲରେ ଦାବି ହୋଇଆସୁଛି। ବର୍ତ୍ତମାନ ପରିପ୍ରେକ୍ଷୀରେ ୯୪୨ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏଥିରେ ଆହୁରି ୫୬୪୩ ହେକ୍ଟର ଜମିରେ ପାଣି ମାଡ଼ିବ ବୋଲି ପରିକଳ୍ପନା କରାଯାଇଛି। ଏହାବାଦ ୨୦୨୦-୨୧ ରୁ ୨୦୨୩-୨୪ ପର୍ଯ୍ୟନ୍ତ ଜିଲାରେ ୨୮୭୬ଟି ଏଲ୍‌ଆଇ ପ୍ରକଳ୍ପ ଜରିଆରେ ୧୭୦୨୦ ହେକ୍ଟର ଜମିରେ ଜଳସେଚନ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ତେବେ ବିଭାଗୀୟ ଅଧିକାରୀମାନେ ରାଜ୍ୟ ସରକାରଙ୍କ ୫-ଟି ଆଇନ ଅଧୀନରେ କାର୍ଯ୍ୟ କଲେ ଚାଲିଥିବା ଏବଂ ଭବିଷ୍ୟତ ଯୋଜନା ଅନ୍ତର୍ଗତ ପ୍ରକଳ୍ପଗୁଡିକ ସଫଳ ହୋଇପାରିବ ବୋଲି ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଯାଜପୁରରୋଡ ଡିଭିଜନ ଉଠାଜଳସେଚନ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ଶିବରାମ ପଣ୍ଡାଙ୍କୁ ପଚାରିବାରୁ, ପ୍ରକଳ୍ପ ନିର୍ମାଣ ସରିବା ପରେ ରକ୍ଷଣାବେକ୍ଷଣ ପାଇଁ ପାଣି ପଞ୍ଚାୟତକୁ ଦାୟିତ୍ୱ ଦିଆଯାଉଛି। ଏହାପରେ ରକ୍ଷଣାବେକ୍ଷଣ ପାଇଁ ବିଭାଗର ହାତ ବନ୍ଧା ପଡୁଛି। ପାଣି ପଞ୍ଚାୟତ ପ୍ରକଳ୍ପଗୁଡ଼ିକୁ ଆବଶ୍ୟକଭାବେ ରକ୍ଷଣାବେକ୍ଷଣ କରୁନାହିଁ। ଯଦ୍ୱାରା ଅନେକ ପ୍ରକଳ୍ପ ଅଚଳ ହୋଇପଡୁଛି। ଏହାସହ ବିଭାଗରେ ମାନବ ସମ୍ବଳର ଅଭାବ ରହିଛି। ଆନ୍ଧ୍ରପ୍ରଦେଶ ଢାଞ୍ଚାରେ ପାଣି ପଞ୍ଚାୟତ ଜରିଆରେ ଉଠା ଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଉଛି ସତ, ହେଲେ ତାହା ଏଠାରେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ବିଭିନ୍ନ ସମୟରେ ଯନ୍ତ୍ରପାତି ଚୋରି ହେଉଛି। ତେବେ ଆଖୁଚାଷ ପାଇଁ ଥିବା ପ୍ରକଳ୍ପଗୁଡିକ ଠିକ୍‌ଭାବେ କାର୍ଯ୍ୟକ୍ଷମ ହେଉଛି ବୋଲି କହିଥିଲେ।

**ଯାଜପୁର ଜିଲା**
- ଚାଲିଛି ୯୪୨ ପ୍ରକଳ୍ପ, ଭବିଷ୍ୟତ ଯୋଜନା ୨୮୭୬
- ପୂର୍ବରୁ ରହିଛି ୩୭୫୧ ପ୍ରକଳ୍ପ
- କାମରେ ଲାଗୁନି ଅଧିକାଂଶ ପ୍ରକଳ୍ପ

**ଚାଷୀଙ୍କ ମୁହଁରୁ...**



"୧୯୮୦ରୁ ୧୯୯୦ ମସିହା ପର୍ଯ୍ୟନ୍ତ ଉଠାଜଳସେଚନ ନିଗମ ପକ୍ଷରୁ ବରୀ ଅଞ୍ଚଳରେ ୬୫ଟି ବୋରିଂ ପଏଣ୍ଟ ଜରିଆରେ ପ୍ରାୟ ୬ହଜାର ହେକ୍ଟର ଜମିରେ ପାଣି ମାଡୁଥିଲା। ଚାଷୀ ଋତୁ ଅନୁଯାୟୀ ଚାଷ କରି ଲାଭବାନ ହେଉଥିଲେ। ବେକାରୀ କେତେକ ପମ୍ପ ଡ୍ରାଇଭର ଭାବେ ନିଯୁକ୍ତି ପାଉଥିଲେ। ଏହା ବନ୍ଦ ହେବା ଦ୍ୱାରା ଚାଷୀଙ୍କ ଜମି ଶୁଖିଲା ପଡୁଛି। ବର୍ଷା ଜଳ ଉପରେ ନିର୍ଭର କରି ଚାଷୀ ବହୁ ସମୟରେ ମରୁଡ଼ିର ଶିକାର ହେଉଛନ୍ତି। ଫସଲ ଉଜୁଡ଼ି ଚାଷୀଙ୍କ ମେରୁଦଣ୍ଡ ଦୋହଲି ଯାଉଛି।

**-ସରୋଜ କୁମାର ଜେନା, ଧାରପୁର ପ୍ୟାକ୍ସ ସଭାପତି**



"ସରକାରଙ୍କ ଉଠାଜଳସେଚନ ପ୍ରକଳ୍ପ ଚାଷୀଙ୍କ ହିତସାଧନ କରିବାରେ ବିଫଳ ହୋଇଛି। ଠିକ୍ ସମୟରେ ଜଳ ମିଳୁ ନ ଥିବାରୁ ତାଙ୍କ ୬ଏକର ଜମିରେ ଫସଲ ଉଜୁଡି ଯାଉଛି।

**-ହର୍ଷବର୍ଦ୍ଧନ ଜେନା, ହଳଦୀବସନ୍ତ ଧାରପୁର**

### କେଡିଏମ୍ କ୍ରିକେଟ ଟୁର୍ନାମେଣ୍ଟ: ମିର୍ଜାପୁର, କୁମାରୀ ବିଜୟୀ

**ଧର୍ମଶାଳା,୨୭।୧୨(ଡିଏନ୍ଏ)**

କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ବଡକାଏମା ଖେଳ ପଡିଆରେ ଅନୁଷ୍ଠିତ ୫ମ କେଡିଏମ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ୨ଟି ମ୍ୟାଚ୍‌ରେ ମିର୍ଜାପୁର ଓ କୁମାରୀ ଟିମ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ଉତ୍ତରପ୍ରତାପ ଟିମ୍‌କୁ ୫୩ ରନରେ ପରାସ୍ତ କରି ମିର୍ଜାପୁର ବିଜୟୀ ହୋଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ନେଉଳପୁର ଟିମକୁ ୧୧୨ ରନରେ ପରାସ୍ତ କରି କୁମାରୀ ଟିମ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ମିର୍ଜାପୁର ଦଳ ବ୍ୟାଟିଙ୍ଗ୍ କରି ୧୪.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୭୬ ରନ ସଂଗ୍ରହ କରିଥିଲା। ଜବାବରେ ଉତ୍ତରପ୍ରତାପ ଦଳ ବ୍ୟାଟିଂ କରି ୧୩.୩ ଓଭରରେ ସମସ୍ତ ୱିକେଟ ହରାଇ ୧୨୩ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ କୁମାରୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ୱିକେଟ ହରାଇ ୨୦୭ ରନ ସଂଗ୍ରହ କରିଥିଲା। ଜବାବରେ ନେଉଳପୁର ଦଳ ବ୍ୟାଟିଂ କରି ୧୩ ଓଭରରେ ସମସ୍ତ ୱିକେଟ୍ ହରାଇ ୯୫ ରନ କରି ପରାସ୍ତ ହୋଇଥିଲା। ଉଭୟ ମ୍ୟାଚକୁ ନାରାୟଣ ପାଲ, ରଞ୍ଜନ ପାଲ ଓ ମହେଶ୍ୱର ସ୍ୱାଇଁ ପରିଚାଳନା କରିଥିଲେ। ଶନିବାର ପାଟପୁର ସହିତ ମିର୍ଜାପୁର ଓ ଜାରକା ସହିତ କୁମାରୀ ପଞ୍ଚାୟତ ମଧ୍ୟରେ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ପକ୍ଷରୁ ସୂଚନା ଦିଆଯାଇଛି।

## ମନ ଜିଣିଲା ପାଇକ ଆଖଡ଼ା, ସମ୍ବଲପୁରୀ ନୃତ୍ୟ

**ରସୁଲପୁର,୨୭।୧୨(ଡିଏନଏ)**

ରସୁଲପୁର ବ୍ଲକର ପ୍ରସିଦ୍ଧ ୬୫ତମ ଲକ୍ଷ୍ମୀନାରାୟଣ ପୂଜା ଉତ୍ସବର ୧୨ତମ ସନ୍ଧ୍ୟାରେ ମଞ୍ଚରେ କଟକର ଭଜନ ସନ୍ଧ୍ୟା ଗ୍ରୁପ୍ ପକ୍ଷରୁ ଭକ୍ତି ସଂଗୀତ ପରିବେଷଣ କରାଯାଇଥିଲା। ଗାୟକଙ୍କ ସୁମଧୁର କଣ୍ଠସ୍ୱର ମଞ୍ଚସ୍ଥଳରେ ଭକ୍ତି ଭାବ ସୃଷ୍ଟି କରିଥିଲା। ବର୍ଷା ଛାଡି ଯାଇଥିଲେ ମଧ ଦିନ ତମାମ କୋହଲା ପାଗ ରହିଥିଲା। ଏହା ସତ୍ତ୍ୱେ ସନ୍ଧ୍ୟାରେ ଦର୍ଶକଙ୍କ ସୁଅ ଛୁଟିଥିଲା। ମଞ୍ଚସ୍ଥଳରେ ଭରପୂର ଦର୍ଶକ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଏଥିସହ ୧୨ତମ କୁଆଖିଆ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଏକାଧିକ କାର୍ଯ୍ୟକ୍ରମ ଶ୍ରଦ୍ଧାଳୁଙ୍କ ମନ ଜିଣିଥିଲା। ଆରମ୍ଭରୁ ପାଇକ ଆଖଡା ନୃତ୍ୟ ପରିବେଷଣ ହୋଇଥିଲା। ଆଖଡା ଦଳର ଦକ୍ଷ କଳାକାର ନିଖୁଣ ନୃତ୍ୟ ପରିବେଷଣ କରିବା ସହ ଚମତ୍କାର କଳା କୌଶଳ ପ୍ରଦର୍ଶନ କରିଥିଲେ। ଏହାପରେ ସମ୍ବଲପୁର କାଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ସମ୍ବଲପୁରୀ ନାଚ ଓ ପାରମ୍ପାରିକ ପୋଷାକ ପରିଧାନକୁ ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଥିଲା। ଏଥିସହ ମଞ୍ଚରେ ତୃତୀୟ କାର୍ଯ୍ୟକ୍ରମ ଭାବରେ ସ୍ଥାନୀୟ କୁଆଖିଆ ବଜାରର ଅଞ୍ଚଳର କଳାନିକେତନ ସଂଗୀତ ଓ ନୃତ୍ୟ ବିଦ୍ୟାଳୟର କୁନିକୁନି ଛାତ୍ରୀଛାତ୍ରମାନେ ସେମାନଙ୍କ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଛୋଟ ପିଲାଙ୍କ ନୃତ୍ୟ ଦେଖିବା ସକାଶେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ, ଅଭିଭାବକମାନେ ମଞ୍ଚ ନିକଟରେ ଉପସ୍ଥିତ ଥିଲେ।



କୁଆଖିଆ ମହୋତ୍ସବରେ କଳାକାରମାନେ କଳାକୌଶଳ ପ୍ରଦର୍ଶନ କରୁଛନ୍ତି।

### ୧୯୮୦ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ

**ଜେନାପୁର,୨୭।୧୨(ଡିଏନଏ)**

ଧର୍ମଶାଳା ବ୍ଲକ ଜେନାପୁର ଉଚ୍ଚ ଇଂଲିଶ ବିଦ୍ୟାଳୟର ୧୯୮୦ ମସିହା ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ର ପକ୍ଷରୁ ଚଣ୍ଡିଖୋଲ ନିକଟସ୍ଥ ମହାବିନାୟକଙ୍କ ପୀଠରେ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ୩୯ ବର୍ଷ ବ୍ୟବଧାନ ପରେ ପରସ୍ପରକୁ ଅତି ନିକଟରୁ ପାଇ ପୁରୁଣା ସ୍ମୃତିକୁ ମନେପକାଇ ଆନନ୍ଦ ଅନୁଭବ କରିଥିଲେ। ଏହାସହ ନିଜର ପାରିବାରିକ ଜୀବନ ଓ ସ୍ୱାସ୍ଥ୍ୟ ସମ୍ପର୍କରେ ପରସ୍ପର ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ରାଜକିଶୋର ମହାନ୍ତିଙ୍କ ନେତୃତ୍ୱରେ କୃଷ୍ଣଚନ୍ଦ୍ର ଦାସ, ସୁଜାତା ମହାନ୍ତି, କୁମକୁମ ଦାସ, ପୀତବାସ ବେହେରା, ସଂଯୁକ୍ତା ବରାଳ, ଅକ୍ଷୟ ମଲ୍ଲିକ, ସ୍ୱପ୍ନଶ୍ରୀ ପଟ୍ଟନାୟକ, ବିମଳ ଶତପଥୀ, ଜ୍ୟୋତ୍ସ୍ନା ବରାଳ, ପ୍ରଫୁଲ୍ଲ କୁମାର ପୁରୀ, ସୁପ୍ରଭା ସାହୁ, ଧ୍ରୁବଚରଣ ଖଟୁଆ ପ୍ରମୁଖ ଏହି ବନ୍ଧୁମିଳନ କର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଏନ୍ଆର୍‌ସି, ସିଏଏ, ଏନ୍‌ପିଆର୍‌କୁ ବିରୋଧ
# ନାଗରିକ ମଞ୍ଚ ପକ୍ଷରୁ ଜନସମାବେଶ

**ବିଞ୍ଝାରପୁର,୨୭।୧୨(ଡି.ଏନ.ଏ)**

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଏନ୍‌ଆରସି, ସିଏଏ ଓ ଏନ୍‌ପିଆର ଆଇନକୁ ବିରୋଧ କରି ଶୁକ୍ରବାର ଅପରାହ୍ନରେ ବିଞ୍ଝାରପୁର ନାଗରିକ ମଞ୍ଚ ପକ୍ଷରୁ ବିଞ୍ଝାରପୁରଠାରେ ଏକ ବିଶାଳ ସମାବେଶ କରାଯାଇଛି। ଏହି ଏନଆରସି, ସିଏଏ ଓ ଏନ୍‌ପିଆର ଆଇନକୁ ବିରୋଧ କରି ବିଞ୍ଝାରପୁର ନାଗରିକ ମଞ୍ଚ ପକ୍ଷରୁ ହଜାର ହଜାର ଜନସାଧାରଣ ଟ୍ରେଜେରୀ ଛକରୁ ଏକ ଶୋଭାଯାତ୍ରାରେ ବାହାରି ବିଞ୍ଝାରପୁର ବଜାର ପରିକ୍ରମା କରିବା ସହିତ ଏହି ଆଇନ ବିରୋଧରେ ଗିୟାସଉଦ୍ଦିନ ଛକରେ ସମାବେଶ କରି ଏକ ପ୍ରତିବାଦ ସଭା କରାଯାଇଥିଲା। ସଭାକୁ ବିଞ୍ଝାରପୁର ନାଗରିକ ମଞ୍ଚ ପକ୍ଷରୁ ପୂର୍ବତନ ସରପଞ୍ଚ ତଥା ସାମାଜିକ କର୍ମୀ ଅବଦୁଲ କାଦିର ଖାଁ ସଭାପତିତ୍ୱ କରିଥିଲେ। ସଭାରେ ବିଜେଡିର ବରିଷ୍ଠ ନେତା ତଥା ବ୍ଲକ ଅଧ୍ୟକ୍ଷ ନନ୍ଦ କିଶୋର ସାମଲ, ମୋଜାହିଦ ଅଲ୍ଲୀ ଖାଁ, ଇକବାଲ ଜାଭେଦ, ଆବ୍ରାହୁକ ହକ, ସେକ ଇଜହାର, ସେକ ଓସିଉଲ୍ଲା, କଂଗ୍ରେସ ଦଳର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ଏମ୍‌ପି ଅଞ୍ଚଳ ଦାସ, ମନୋରଞ୍ଜନ ଦାସ, ରବୀନ୍ଦ୍ର କୁମାର ଜେନା, ସତୀଶ ମିଶ୍ର, ଏସୟୁସିଆଇ ଦଳରୁ ସୁରେନ୍ଦ୍ର କୁମାର ମଲ୍ଲିକ, ଶିକ୍ଷାବିତ କ୍ଷୀରୋଦ ଚନ୍ଦ୍ର କର, ଅଚ୍ୟୁତାନନ୍ଦ ପ୍ରଧାନ, ସଂଯୁକ୍ତା ନାୟକ, ବହୁଜନ ସମାଜ ପକ୍ଷରୁ ରମେଶ ଯେନା ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଏନଆରସି, ସିଏଏ ଓ ଏନ୍‌ପିଆର ଆଇନକୁ ବିରୋଧ କରିବା ସହିତ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। କେନ୍ଦ୍ର ସରକାର ଏହି ଆଇନକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ ବୋଲି ଉପସ୍ଥିତ ନେତାମାନେ ଦାବି କରିଥିଲେ। ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦ ପରିଡା, ପ୍ରଦ୍ୟୁମ୍ନ ପାତ୍ର, ମନୋଜ ସାମଲ, ଭୁବନାନନ୍ଦ ସାମଲ, ସରୋଜ ଦାସ, ଅଶୋକ ସାହୁ, ମିର୍ଜା କବୁଲ ବେଗ, ସେକ ଗରିବଉଲ୍ଲା, ହାଫିଜ ଜୁନେଦ, ମୁକ୍ତାଦିର ଅଲ୍ଲୀ ଖାଁ ପ୍ରମୁଖ ସାମିଲ ଥିଲେ।

## କର୍ତ୍ତବ୍ୟ ସାମାଜିକ ସେବା ସଂଗଠନ ପକ୍ଷରୁ ଚାରାରୋପଣ

**ରସୁଲପୁର,୨୭।୧୨(ଡିଏନଏ)**

ରସୁଲପୁର ବ୍ଲକ ମୁଗୁପାଳ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର କର୍ତ୍ତବ୍ୟ ସାମାଜିକ ସେବା ସଂଗଠନ ପକ୍ଷରୁ ଚାରାରୋପଣ କରାଯାଇଛି। ପୂର୍ବତନ ସଂଗୀତ ଶିକ୍ଷକ ପ୍ରମୋଦ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ବିଷ୍ଣୁଚରଣ ସାହୁ, ସମ୍ମାନିତ ଅତିଥି ଭାବରେ ପରିବେଶପ୍ରେମୀ ଧିରେନ୍ଦ୍ର ସାହୁ, ସେବତି ସାହୁ, ମାନସ ଦାସ, ଅଭିମନ୍ୟୁ ସାହୁ, ମହେନ୍ଦ୍ର ରଣା, ବାସୁଦେବ ରଣା, ବଳରାମ ବେହେରା, ବସନ୍ତ ସାହୁ, ଅନନ୍ତ ନିରଞ୍ଜନ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ବୃକ୍ଷର ରକ୍ଷଣାବେକ୍ଷଣ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଗୋଟିଏ ଚାରା ଗୋଟିଏ ଶିଶୁ ସହ ସମାନ ବୋଲି ମତ ରଖିବା ସହ ଚାରାକୁ ବଡ ବୃକ୍ଷରେ ପରିଣତ କରିବା ପାଇଁ ସଂକଳ୍ପ ନେଇଥିଲେ। ଏହି ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚାରାରୋପଣ କରି ପ୍ରଶଂସାର ପାତ୍ର ହୋଇପାରିଛି। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବଉଳ, କଦମ୍ବ, ଚମ୍ପା ଆଦି ଚାରାକୁ ସ୍ଥାନ ଦିଆଯାଇଛି।



ଚାରାରୋପଣ କରାଯାଉଛି।

## ୫ମ ଜିଲା ପରିଷଦର ୮ମ ସାଧାରଣ ବୈଠକ
# ଜିଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ହଟ୍ଟଗୋଳ

**ଯାଜପୁର ଟାଉନ,୨୭।୧୨(ଡିଏନଏ)**

ଯାଜପୁର ୫ମ ଜିଲା ପରିଷଦର ୮ମ ସାଧାରଣ ବୈଠକ ଶୁକ୍ରବାର ଡିଆରଡିଏ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ଜିଲାପାଳ ରଞ୍ଜନ କୁମାର ଦାସ ଯୋଗ ଦେଇଥିଲେ। ବୈଠକ ଆରମ୍ଭରୁ ଜିଲା ପରିଷଦର ସଭ୍ୟଙ୍କୁ ଠିକ୍ ଢଙ୍ଗରେ ଡକାଯାଉ ନ ଥିବାରୁ ସଭ୍ୟ ଓ ସଭ୍ୟାମାନେ ବିରକ୍ତି ପ୍ରକାଶ କରିଥିଲେ। ଏପରିକି ପୂର୍ବ ବୈଠକର ବିବରଣୀ ଦିଆଯାଇ ନ ଥିବାରୁ ଅଧିକାଂଶ ସଭ୍ୟାସଭ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକ ଆରମ୍ଭରୁ ପ୍ରଥମେ ସ୍ୱାସ୍ଥ୍ୟସେବା ଉପରେ ଆଲୋଚନା କରାଯାଇଥିବାବେଳେ ଅନେକ ସ୍ଥାନରେ ଡାକ୍ତର ଅଭାବ ଥିବା ସଭ୍ୟାସଭ୍ୟ ଦର୍ଶାଇଥିଲେ। ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ୭୧ଜଣ ଡାକ୍ତରଙ୍କ ମଧ୍ୟରୁ ୪୨ଜଣ ଡାକ୍ତର କାର୍ଯ୍ୟରତ ଥିବା ବେଳେ ୯ଜଣଙ୍କୁ ଡିଏମଏଫ ଫଣ୍ଡରୁ ରଖାଯାଇଛି। ସେହିପରି ଜିଲାରେ ୧୯୬ଜଣ ଡାକ୍ତରଙ୍କ ଆବଶ୍ୟକତା ଥିବାବେଳେ ମାତ୍ର ୮୦ଜଣଙ୍କୁ ନେଇ ସ୍ୱାସ୍ଥ୍ୟସେବା ଚାଲୁଛି ବୋଲି ଏଡିଏମ୍‌ଓ କାହ୍ନୁଚରଣ ନାୟକ ପ୍ରକାଶ କରିଥିଲେ। ଏହି ସମୟରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୫ଜଣ ଜିଲା ପରିଷଦ ସଭ୍ୟାସଭ୍ୟ ତାଙ୍କ ନିର୍ବାଚନ ମଣ୍ଡଳୀରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଥିବା ଦର୍ଶାଇ ଡାକ୍ତରଙ୍କ ନିଯୁକ୍ତି ଦାବିରେ ଜିଲାପାଳଙ୍କ ପ୍ରତିଶ୍ରୁତି ପାଇଁ ଗୃହ ସମ୍ମୁଖକୁ ଆସି ଧାରଣାରେ ବସିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି ସେମାନଙ୍କୁ ବୁଝାସୁଝା କରିବା ପରେ ସେମାନେ ଧାରଣାରୁ ଉଠି ଯାଇଥିଲେ। ସେହିପରି ବ୍ରହ୍ମବରଦା ଡାକ୍ତରଖାନାରେ ଏକ ବିପଦପୂର୍ଣ୍ଣ ଗୃହରେ ଓପିଡି ଚାଲୁଥିବାବେଳେ ସେଠାରେ ମୌଳିକ ସୁବିଧା ନ ଥିବା ୩୬ନଂ ଜୋନ୍‌ର ସଭ୍ୟ ଚର୍ତୁଭୁଜ ଦ୍ୱିବେଦୀ ପ୍ରକାଶ କରିଥିଲେ। ଏହି ଅଞ୍ଚଳରେ ୨୦ହଜାରରୁ ଊର୍ଦ୍ଧ୍ୱ ଲୋକେ ବସବାସ କରୁଥିବାବେଳେ ଡାକ୍ତରଖାନାରେ ଜଣେ ନର୍ସଙ୍କ ଦ୍ୱାରା ପ୍ରସବ କରାଯାଉଛି। ଏଠାରେ କୌଣସି ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ଏପରିକି ଏହି ଡାକ୍ତରଖାନା ପରିସରରେ ଗୋଟିଏ ଶୌଚାଳୟ ମଧ ନାହିଁ। ଏହି ଅଞ୍ଚଳରେ ଏଏନ୍‌ଏମ୍ ସେଣ୍ଟର ନ ଥିବାରୁ ସାଧାରଣ ଲୋକେ ଟୀକାକରଣ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୈଠକରେ ଜିଲା ସ୍ୱାସ୍ଥ୍ୟାଧିକାରୀ ଅରୁଣ କୁମାର ପାତ୍ର ଯୋଗ ଦେଇଥିବାବେଳେ କେତେଜଣ ସଭ୍ୟାସଭ୍ୟଙ୍କୁ ସେ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରିଥିଲେ। ଜନ ପ୍ରତିନିଧିଙ୍କୁ ବ୍ୟବହାର ଠିକ୍ ନ କରିବା, ଟେଲିଫୋନ୍ ନ ଉଠାଇବା, ଏପରିକି ରୋଗୀଙ୍କ ସହ ଯାଇଥିବା ଜନପ୍ରତିନିଧିଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ବୈଠକରେ ଉତ୍ତେଜନା ପ୍ରକାଶ ପାଇବା ପରେ ଜିଲାପାଳ ଏଥିରେ ହସ୍ତକ୍ଷେପ କରି ମୁଖ୍ୟ ଚିକିତ୍ସାଧିକାରୀ ନିଜ ବ୍ୟବହାର ପରିବର୍ତ୍ତନ ନ କଲେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରୋକଠୋକ୍ ପ୍ରକାଶ କରିଥିଲେ। ପାନୀୟ ଜଳ ଯୋଗାଣ ଉପରେ ଆଲୋଚନା ସମୟରେ ଅଧିକାଂଶ ବିଦ୍ୟାଳୟଗୁଡ଼ିକରେ ଜଳଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ପ୍ରକାଶ କରିବା ସହ ଅନେକ ବିଦ୍ୟାଳୟରେ ଟିୱେଲଗୁଡିକ ଅଚଳ ହୋଇପଡିଥିବାରୁ ମଧ୍ୟାହ୍ନଭୋଜନ ପାଇଁ ଉପଯୋଗୀ ଜଳ ଯୋଗାଇ ପାରୁନାହାନ୍ତି ବୋଲି ଏମ୍‌ପି ଶର୍ମିଷ୍ଠା ସେଠୀ ମଧ ସୂଚନା ଦେଇଥିଲେ। ତେବେ ମେଗା ପ୍ରକଳ୍ପରେ ପ୍ରତ୍ୟେକ ପଞ୍ଚାୟତରେ ପାଣିଟାଙ୍କି କରାଯାଇ ଜଳଯୋଗାଣ ବ୍ୟବସ୍ଥା କରାଯାଉଛି ବୋଲି ଆରଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀ ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ପରେ ଜିଲାର ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା କରାଯାଇଥିଲା। ବୈଠକ ଆରମ୍ଭରୁ ନବନିର୍ବାଚିତ ୮ନଂ ଜୋନ୍‌ର ଜିଲାପରିଷଦ ସଭ୍ୟ ପ୍ରଦୀପ କୁମାର ମହାନ୍ତିଙ୍କୁ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଶପଥ ପାଠ କରାଇଥିଲେ। ବୈଠକରେ କେବଳ ଏମ୍‌ପିଙ୍କୁ ବାଦ୍ ଦେଲେ ଜିଲାର କୌଣସି ବିଧାୟିକାବିଧାୟକ ଯୋଗଦେଇ ନ ଥିବା ଘଟଣା ସାଧାରଣରେ ଗୁଞ୍ଜରଣ ସୃଷ୍ଟି କରିଥିଲା।




ଜିଲା ପରିଷଦର ୮ମ ସାଧାରଣ ବୈଠକରେ ଉପସ୍ଥିତ ଜିଲା ପ୍ରଶାସନ ଓ ଜନପ୍ରତିନିଧି।

- ମୁଖ୍ୟ ଚିକିତ୍ସାଳୟରେ ୭୧ ଡାକ୍ତରଙ୍କ ମଧ୍ୟରୁ ୪୨ଜଣ କାର୍ଯ୍ୟରତ
- ବ୍ୟବହାର ସୁଧାରିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜିଲାପାଳଙ୍କ ତାଗିଦ୍
- ବୈଠକରେ ଯୋଗ ଦେଲେନି ବିଧାୟିକା, ବିଧାୟକ

## ସଂକ୍ଷେପରେ

### ଜାନୁୟାରୀ ୩ରେ ବନ୍ଦର ପ୍ରତିଷ୍ଠା ଦିବସ

**ମାରାଥନ୍‌କୁ ଆସିବେନି ମୁଖ୍ୟ ସଚିବ**

**ପାରାଦୀପ, ୨୭।୧୨ (ସ୍ୱ.ପ୍ର.):** ଆସନ୍ତା ଜାନୁୟାରୀ ୩ରେ ପାରାଦୀପ ବନ୍ଦରକୁ ୫୭ ବର୍ଷ ପୂରିବ। ଏହି ପ୍ରତିଷ୍ଠା ଦିବସ ଉପଲକ୍ଷେ ବନ୍ଦର ପ୍ରଶାସନ ପକ୍ଷରୁ ଏକ ହାଫ୍ ମାରାଥନ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଯୋଗଦେବେ ବୋଲି ବନ୍ଦର କର୍ତ୍ତୃପକ୍ଷ ୪ ଦିନ ତଳେ ସୂଚନା ଦେଇଥିଲେ। ମାତ୍ର ବିଶେଷ କାରଣ ପାଇଁ ମାରାଥନ୍‌ରେ ସଚିବ ତ୍ରିପାଠୀ ଯୋଗଦେଇପାରିବେ ନାହିଁ ବୋଲି ଶୁକ୍ରବାର ବନ୍ଦର କର୍ତ୍ତୃପକ୍ଷ କହିଛନ୍ତି। ମାରାଥାନକୁ ବନ୍ଦର ଅଧକ୍ଷ ରିଙ୍କେଶ ରାୟ ଉଦ୍‌ଘାଟନ କରିବେ। ମାରାଥନ୍ ହନୁମାନ ମନ୍ଦିରଠାରୁ ବାହାରି ସହରାଞ୍ଚଳ ଦେଇ ଗୋପବନ୍ଧୁ ଷ୍ଟାଡିୟମ୍‌ଠାରେ ଶେଷ ହେବ।

### ଦୁଇ ମନ୍ଦିର ହୁଣ୍ଡିରୁ ଚୋରି

**ପାରାଦୀପ,୨୭।୧୨(ସ୍ୱ.ପ୍ର.):** ପାରାଦୀପ ସହରର ପ୍ରମୁଖ ସ୍ଥାନ ବଡ଼ପଡ଼ିଆ ଅଞ୍ଚଳରେ ଥିବା ୨ଟି ମନ୍ଦିରରୁ ଗୁରୁବାର ରାତିରେ କେହି ଦୁର୍ବୃତ୍ତ ହୁଣ୍ଡି ଭାଙ୍ଗି ଚୋରି କରିଥିବା ଜଣାଯାଇଛି। ଏ ସମ୍ପର୍କରେ ମନ୍ଦିର ପ୍ରଶାସନ ପକ୍ଷରୁ ପାରାଦୀପ ମଡେଲ ଥାନାରେ ଅଭିଯୋଗ ହୋଇଛି। ଏହାପରେ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ଦୁଇଟି ଯାକ ମନ୍ଦିର ଥାନାର ୫୦୦ ମିଟର ବ୍ୟବଧାନରେ ଅଛି। ସେଥିରୁ ଗୋଟିଏ ହେଲା ଶାରଳା ମନ୍ଦିର ପରିସରରେ ଥିବା ଶିବମନ୍ଦିର ହୁଣ୍ଡି ଓ ଅନ୍ୟଟି ଦୁର୍ଗା ମନ୍ଦିର ହୁଣ୍ଡି। ଶିବ ମନ୍ଦିର ହୁଣ୍ଡିରୁ ପ୍ରାୟ ୫ରୁ ୧୦ ହଜାର ଟଙ୍କା ଥିବା କୁହାଯାଉଛି। ଦୁର୍ଗା ମନ୍ଦିର ହୁଣ୍ଡିରେ ପ୍ରାୟ ୩୦ରୁ ୪୦ ହଜାର ଟଙ୍କା ଥାଇପାରେ ବୋଲି କୁହାଯାଉଛି।

### ୧୯୮୧ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ

**ରାହାମା, ୨୭।୧୨ (ଡି.ଏନ୍.ଏ.):** ରାହାମାସ୍ଥିତ ସାଇଲୋ ପଞ୍ଚାୟତ ହାଇସ୍କୁଲ ପ୍ରାଙ୍ଗଣରେ ୧୯୮୧ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଧିକାରୀ ରମାକାନ୍ତ ଦାସଙ୍କ ଆବାହକତ୍ୱରେ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ପଞ୍ଚାନନ ଦାସ, ସୁରେନ୍ଦ୍ର ନାଥ ସ୍ୱାଇଁ, ଶରତ ଚନ୍ଦ୍ର ସାହୁ, କ୍ଷୀରୋଦ କୁମାର ଦାସ, ପ୍ରଦୀପ୍ତ କୁମାର ଦାସ ଓ ପିଅନ ବଳରାମ ଦାସଙ୍କୁ ପୁରାତନ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକାର୍ଯ୍ୟ ଆରମ୍ଭରେ ଦିବଂଗତ ଶିକ୍ଷକ ଓ ସହପାଠୀ ବନ୍ଧୁଙ୍କ ବିୟୋଗରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଦୀର୍ଘ ୪୦ବର୍ଷ ପରେ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିବାରୁ ପୁରାତନ ଛାତ୍ରୀଛାତ୍ରମାନେ ସ୍କୁଲ ବେଳର ସ୍ମୃତିକୁ ମନେପକାଇ ଥିଲେ। ଖବରଦାତା ପଦ୍ମଲୋଚନ ଦାସ, ନୃସିଂହ ଚରଣ ସେନାପତି, ରବି ନାରାୟଣ ସାହୁ, ଶରତ ଚନ୍ଦ୍ର ଦାସ, ଜିତେନ୍ଦ୍ର ମହାପାତ୍ର ଓ ସରୋଜ କୁମାର ଦାସ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ନରେନ୍ଦ୍ର କୁମାର ସାହୁ, ରବି ମହାନ୍ତି, ବିଭୂତି ଭୂଷଣ ବାରିକ, ବିଜୟ ପାତ୍ର, ପ୍ରସନ୍ନ ଦାସ, ପ୍ରତାପ କୁମାର ମହାପାତ୍ର, ଜ୍ୟୋତି ରଞ୍ଜନ ଦାସ, ପ୍ରକାଶ କୁମାର ମହାପାତ୍ର ଓ ଶରତ ଲେଙ୍କା ପ୍ରମୁଖ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ଆଇନଜୀବୀ ଗଜେନ୍ଦ୍ର କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ଭୁଆସୁଣୀ ପୀଠରେ ବନ୍ଧୁ ମିଳନ

**ବାଲିକୁଦା,୨୭।୧୨ (ସ୍ୱ.ପ୍ର.):** ବାଲିକୁଦା ବ୍ଲକ ବଡଗାଁସ୍ଥିତ ଅନନ୍ତ ଗାଦିବ୍ରହ୍ମ ବିଦ୍ୟାପୀଠର ୧୯୮୪ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ଚହଟାସ୍ଥିତ ଭୁଆସୁଣୀ ପୀଠରେ ଅନୁଷ୍ଠିତ ବନ୍ଧୁମିଳନରେ ଲୁନା ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ହରିଶ୍ଚନ୍ଦ୍ର ଶତପଥୀ, ଆଶିଷ ରାଉତ, ଆଲୋକ ନାୟକ, ଦେବେନ୍ଦ୍ର ସାମନ୍ତରାୟ, ବୀଣାପାଣି ପରିଡ଼ା, କଲ୍ୟାଣୀ ଲେଙ୍କା, ଦାମୋଦର ମହାନ୍ତି, ମମତା ଲେଙ୍କା, ନିବାରଣ ରାୟ, ଶାଶ୍ୱତୀ ନାୟକ, ଅମ୍ବିକା ପାଣି, ଜ୍ୟୋତ୍ସ୍ନା ସାମନ୍ତରାୟ, ଅମୂଲ୍ୟ ମହାନ୍ତି, ଅନସୂୟା ରାଉତ ପ୍ରମୁଖ ଯୋଗଦେଇଥିଲେ।

**ପୂର୍ବ ଭାରତ ବିଜ୍ଞାନମେଳାକୁ ମନୋନୀତ ହେଲା ପ୍ରକଳ୍ପ**

# କୁନି ବୈଜ୍ଞାନିକ ଅବିନାଶ, ସତ୍ୟଙ୍କ କୃତିତ୍ୱ

**ଜଗତ୍‌ସିଂହପୁର ଅଫିସ୍, ୨୭।୧୨**

ଆଗାମୀ ଦିନରେ କଲିକତାଠାରେ ହେବାକୁ ଥିବା ପୂର୍ବ ଭାରତ ବିଜ୍ଞାନ ମେଳାରେ ଭାଗ ନେବା ପାଇଁ ଜଗତ୍‌ସିଂହପୁର ଜିଲାର ୨ଜଣ ଛାତ୍ର ମନୋନୀତ ହୋଇଛନ୍ତି। ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଉଚ୍ଚକୋଟୀର ପ୍ରକଳ୍ପ ପ୍ରଦର୍ଶନ କରିବା ପରେ ଉଭୟ ଛାତ୍ର ପୂର୍ବ ଭାରତ ବିଜ୍ଞାନ ମେଳାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଜଗତ୍‌ସିଂହପୁର ଜିଲା ଆଲିପିଙ୍ଗଳ ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ର ଅବିନାଶ ଚନ୍ଦ୍ର ବଡୁ ଓ ଏରସମା ବ୍ଲକ ଆମ୍ବିକୀର ଅମ୍ବିକାଇ ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ର ସତ୍ୟ ନାରାୟଣ ଦାସ। ପାହାଡ଼ିଆ ଅଞ୍ଚଳରେ ଜଳସେଚନ ସମସ୍ୟା ସମାଧାନ ନିମନ୍ତେ ଅବିନାଶ ପ୍ରସ୍ତୁତ କରିଥିବା ପ୍ରକଳ୍ପ ଓ ମୋଟରଯାନରୁ ନିର୍ଗତ ବିଷାକ୍ତ ଧୂଆଁକୁ ଛାଣିବା ପଦ୍ଧତିକୁ ନେଇ ସତ୍ୟ ପ୍ରସ୍ତୁତ କରିଥିବା ପ୍ରକଳ୍ପ ରାଜ୍ୟସ୍ତରରେ ସୁନାମ ଅର୍ଜନ କରିଛି।





ଅବିନାଶ ଚନ୍ଦ୍ର ବଡୁଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ।

ବିଦ୍ୟୁତ୍ ଯୋଗାଣ ସୁବିଧା ନ ଥିବା ପାହାଡିଆ ଅଞ୍ଚଳରେ ଜଳସେଚନ ସମସ୍ୟା ଉତ୍କଟ। ଏହାଦ୍ୱାରା ଦେଶର ବହୁ ସଂଖ୍ୟକ ଲୋକ ଚାଷ ବାସ କରିବା ବା ଅନ୍ୟାନ୍ୟ ଜୀବିକା ନିର୍ବାହ ପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ପାଇଁ କୁନି ବୈଜ୍ଞାନିକ ଅବିନାଶଙ୍କ ପରିକଳ୍ପନା ପ୍ରଶଂସନୀୟ ହୋଇଛି। ବହୁମୁଖୀ ଜଳ ଉଠାଣ ପମ୍ପ ମାଧ୍ୟମରେ ଅତି ସହଜରେ କିପରି ଜଳସେଚନ ହୋଇପାରିବ ତାହାକୁ ନେଇ ସେ ଏକ ପ୍ରକଳ୍ପ ପ୍ରସ୍ତୁତ କରିଛନ୍ତି। ଏହି ପ୍ରକଳ୍ପ ବିଦ୍ୟୁତ ସମସ୍ୟା ଦୂର କରିବା ସହ ବାୟୁ ପ୍ରଦୂଷଣ ଓ ବିଦ୍ୟୁତ ଶକ୍ତି ସଂରକ୍ଷଣରେ ସହାୟକ ହୋଇପାରିବ।

ସେହିପରି ମୋଟର ଯାନରୁ ନିର୍ଗତ ବିଷାକ୍ତ ଗ୍ୟାସୀୟ କଣିକା ବାୟୁ ପ୍ରଦୂଷଣ କରୁଛି। ଏହାକୁ ରୋକିବା ପାଇଁ କୁନି ବୈଜ୍ଞାନିକ ସତ୍ୟନାରାୟଣ ଏକ ପ୍ରକଳ୍ପ ପ୍ରସ୍ତୁତ କରିଛନ୍ତି। ସେ ଯାନରୁ ନିର୍ଗତ ବିଷାକ୍ତ ଗ୍ୟାସୀୟ କଣିକା ଛାଣିବା ପଦ୍ଧତିକୁ ନେଇ ପ୍ରସ୍ତୁତ





ସତ୍ୟ ନାରାୟଣ ଦାସଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ପ୍ରକଳ୍ପ।

କରିଥିବା ପ୍ରକଳ୍ପ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ବେଶ୍ ପ୍ରଶଂସିତ ହୋଇଛି।

ସୂଚନାଯୋଗ୍ୟ, ନିକଟରେ ଅନୁଗୋଳଠାରେ ୩ ଦିନିଆ ୪୬ତମ ରାଜ୍ୟସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ସବୁ ଜିଲାରୁ ୧୭୮ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ତେବେ ଜଗତ୍‌ସିଂହପୁର ଜିଲା ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତଙ୍କ ତତ୍ତ୍ୱାବଧାନରେ ଜିଲାର ୬ଟି ଶ୍ରେଷ୍ଠ ପ୍ରକଳ୍ପ ଏହି ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ପ୍ରଦର୍ଶିତ ସମସ୍ତ ପ୍ରକଳ୍ପ ମଧ୍ୟରୁ ଜଗତ୍‌ସିଂହପୁରର ୨ ପ୍ରକଳ୍ପ ସମେତ ରାଜ୍ୟର ମୋଟ ୩୬ ପ୍ରକଳ୍ପ କଲିକତାର ବିଆଇଟିଏମ୍‌ଠାରେ ଆୟୋଜିତ ହେବାକୁ ଥିବା ପୂର୍ବ ଭାରତ ବିଜ୍ଞାନ ମେଳାରେ ପ୍ରଦର୍ଶିତ ହେବାକୁ ମନୋନୀତ ହୋଇଛି। ଜଗତ୍‌ସିଂହପୁର ଜିଲା ଶିକ୍ଷା ଅଧିକାରିଣୀ ପ୍ରତିଭା ମଞ୍ଜରୀ ଦାଶ ଛାତ୍ର ଅବିନାଶ ଓ ସତ୍ୟରଞ୍ଜନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ସଚେତନତା

**ବିରିଡ଼ି, ୨୭।୧୨ (ଡି.ଏନ୍.ଏ.)**

ଜଗତସିଂହପୁର ଜିଲାରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମରେ ବିରିଡ଼ି ବ୍ଲକ ଅଧୀନ ହାଜିପୁର ପଞ୍ଚାୟତକୁ ପ୍ରଥମ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରାଯାଇଛି। ଏ ନେଇ ଶୁକ୍ରବାର ବିରିଡ଼ି ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ହାଜିପୁର ଛକ କମିଟି ସଭାପତି ରାମକୃଷ୍ଣ ପରିଜା, ସମ୍ପାଦକ ରାଜକିଶୋର ସାହୁ, ଅକ୍ଷୟ ଭୂୟାଁ, ସରପଞ୍ଚ ବିମଳ ପ୍ରସାଦ ସେଠୀ, ଯନ୍ତ୍ରୀ ରବୀନ୍ଦ୍ର ସେଠୀ, କନିଷ୍ଠ ଯନ୍ତ୍ରୀ ସିଗ୍ଧା ପ୍ରିୟଦର୍ଶିନୀ ଓ ମୋଟିଭେଟରମାନେ ଦୋକାନ ଆଗରେ ପଡ଼ିଥିବା ଅଳିଆକୁ ଅଖା ଭିତରେ ପୁରାଇଥିଲେ। ଅପରାହ୍ନରେ ପଞ୍ଚାୟତିରାଜ ବିଭାଗ ଓ ୟୁନିସେଫ୍‌ର ରାଜ୍ୟ ପରାମର୍ଶଦାତା ଯୋଗେନ୍ଦ୍ର ସିଂହ ଓ ଗଣେଶ ପଣ୍ଡା, ପ୍ରଣବ ପାଣିଗ୍ରାହୀ, ଭବାନୀ କୁମାରୀ ପାଢୀ, ଜିଲା ତାଲିମଦାତା ମନୋଜ କୁମାର ସେଠୀ, ଲଳିତ ନାରାୟଣ ଦାସ, ଜିଲା ପରିମଳ ସଂଯୋଜିକା, ତପସ୍ୱିନୀ ଚୌଧୁରୀ ଶିବିରରେ ପହଞ୍ଚି କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ବୁଝାଇଥିଲେ।

## ପୂରଣ ସମବାୟ ସମିତିର ସାଧାରଣ ସଭା




ସଭାରେ ସମବାୟ ସମିତି ପରିଷଦ ସଭ୍ୟ ଓ ଅନ୍ୟମାନେ।

**ବାଲିଆ, ୨୭।୧୨ (ଡି.ଏନ୍.ଏ.)**

ବିରିଡି ବ୍ଲକ ୨୨ ମୌଜା ସ୍ଥିତ ପୂରଣ ପ୍ରାଥମିକ କୃଷି ସମବାୟ ସମିତିର ସାଧାରଣ ସଭା ସମିତି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଶୁକ୍ରବାର ହୋଇଥିଲା। ଏଥିରେ ପୂରଣ, ବାଗଲପୁର, ବାରେଡିଆ ପଞ୍ଚାୟତର ବହୁ ଚାଷୀଙ୍କ ସମେତ ସମିତି ପରିଚାଳନା ପରିଷଦର ସମସ୍ତ ସଭ୍ୟ ଯୋଗଦେଇ ବିଭିନ୍ନ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସମିତି ପରିଚାଳନା ପରିଷଦ ସଭାପତି ସୁବ୍ରତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିରିଡି କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ପିନାକି ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ କୃଷକମାନଙ୍କୁ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ସଭାପତି ପଟନାୟକ ବାର୍ଷିକ ସାଧରଣ ସଭାର ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ରାଧାବଲ୍ଲଭ ବେହେରା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ।

୨୦୧୮ ଏପ୍ରିଲଠାରୁ ୨୦୧୯ ଡିସେମ୍ବର ୧୫ ପର୍ଯ୍ୟନ୍ତ ସମିତିର ୫,୯୬,୯୯, ୮୧୪ ଆୟ ହୋଇଥିବା ବେଳେ ୫,୯୬,୮୮,୬୪୪ ବ୍ୟୟ ହୋଇଥିବା ସମ୍ପାଦକ ସୂଚନା ଦେଇଥିଲେ। ଖରିଫ ଋତୁରେ ୭୦୧ ଜଣଙ୍କୁ ଏବଂ ରବି ଋତୁରେ ୩୩୪ ଜଣଙ୍କୁ ମୋଟ ୨ କୋଟି ୬୨ ଲକ୍ଷ ୪୬ ହଜାର ୯୭୦ ଟଙ୍କା ଋଣ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଥିଲା। ବୈଠକରେ କାଳିଆ ଯୋଜନା ପାଇଁ ଚାଷୀ ଚିହ୍ନଟ କରିବାକୁ ସମବାୟ ସମିତିକୁ ପୂର୍ଣ୍ଣ କ୍ଷମତା ଦେବାକୁ ଚାଷୀ ସୁଦର୍ଶନ ବେହେରା, ପ୍ରବୀର ଦାସ, ଯୁଧିଷ୍ଠିର ବେହେରା, ପ୍ରଶାନ୍ତ କୁମାର ବେହେରା, ଅରୁଣ ଦାସ, ବିଶ୍ୱ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଦାବି କରିଥିଲେ। ବୈଠକରେ ପରିଚାଳନା ସଭ୍ୟ ଶାନ୍ତିଲତା ବେହେରା, ରତିକାନ୍ତ ପାଳ, ନନ୍ଦ କିଶୋର ବସ୍ତିଆ, ଲକ୍ଷ୍ମୀଧର ମଲ୍ଲିକ, କିରଣ କାନ୍ତି ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବାବୁଲି ଦାଶ, ପ୍ରସନ୍ନ କୁମାର ବେହେରା, ଅନଙ୍ଗ କୁମାର ମଲ୍ଲିକ, ହୃଷୀକେଶ ସାମଲ, ପ୍ରଫୁଲ୍ଲ କୁମାର ବେହେରା, ଅଭିନାଶ ମହାପାତ୍ର, ଶ୍ରୀନିବାସ ସାହୁ, ମଞ୍ଜୁଳା ଦାସ, ଜୀବନ ପଟ୍ଟନାୟକ, ଭିକାରୀ ଚରଣ ପରିଡ଼ା, ତପନ ସାମଲ, ମିହିର ପଟ୍ଟନାୟକ, ଅଜୟ କୁମାର ସ୍ୱାଇଁ, ବିଘ୍ନରାଜ ମିଶ୍ର, ମନୋଜ ଦାସ, ରମଣ ଦାଶ, ନାରାୟଣ ପ୍ରଧାନ, ପ୍ରମୁଖ ଉପସ୍ଥିତ ଥିଲେ।

## ବେଆଇନ ମଦ ବିକ୍ରି: ୨ ଗିରଫ

**ବାଲିକୁଦା,୨୭।୧୨(ସ୍ୱପ୍ର)**

ବାଲିକୁଦା ଥାନା ମାଛଗାଁ ବଜାରସ୍ଥିତ ଏକ ହୋଟେଲ ଓ ଏକ ଫାଷ୍ଟ ଫୁଡ୍ ଦୋକାନ ଉପରେ ଚଢାଉ କରାଯାଇ ୯ ଲିଟର ବିଦେଶୀ ମଦ ଜବତ କରାଯାଇଥିବା ବେଳେ ବେଆଇନ ମଦ ବିକ୍ରି କରିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୁକିଦା ଗାଁର ସୁଦର୍ଶନ ସାହୁ ଓ ରମେଶ ଚନ୍ଦ୍ର ସ୍ୱାଇଁ। ଉଭୟେ ଦୋକାନରେ ବେଆଇନ୍ ଭାବେ ମଦ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଜିଲା ଅବକାରୀ ବିଭାଗ ଏସ୍‌ପି ରତିକାନ୍ତ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା। ଚଢ଼ଉ ସମୟରେ ସୁଦର୍ଶନଙ୍କ ହୋଟେଲରୁ ୨ ଲିଟର ୮୮୦ ମିଲି ଲିଟର ଓ ରମେଶଙ୍କ ଦୋକାନରୁ ୬ ଲିଟରରୁ ଊର୍ଦ୍ଧ୍ୱ ବିଦେଶୀ ମଦ ଜବତ କରାଯାଇଥିଲା। ଏ ନେଇ ୫୨/୧୯ ନଂ. ଓ ୫୩/୧୯ନଂ.ରେ ଦୁଇଟି ମାମଲା ରୁଜୁ ହୋଇଛି। ଚଢ଼ାଉରେ ଏସ୍‌ଆଇ ନୀଳିମା ଜୟନ୍ତୀ ସ୍ୱାଇଁ, ଏଏସ୍‌ଆଇ କୈଳାସ ଦାସ, କନଷ୍ଟେବଲ ଚିତ୍ତରଞ୍ଜନ ଦାଶ, ସବିତା ନାୟକ, ବିଶ୍ୱନାଥ ମୁଣ୍ଡା, ହିମାଂଶୁ ନାୟକ, ପ୍ରକାଶ ରାଉତ ପ୍ରମୁଖ ସାମିଲ ଥିଲେ।

### ସାମାଜିକ କର୍ତ୍ତବ୍ୟ ସମାଜକୁ ଦିଗ୍‌ଦର୍ଶନ ଦିଏ

**ରଘୁନାଥପୁର,୨୭। ୧୨ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ହାୟର ସେକେଣ୍ଡାରୀ ସ୍କୁଲ ଅଫ ଏଜୁକେଶନ ଆଣ୍ଡ ଟେକ୍‌ନୋଲୋଜି ପକ୍ଷରୁ ୭ ଦିନ ବ୍ୟାପୀ ଜାତୀୟ ସେବା ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଉତ୍ସବରେ ଅଧ୍ୟକ୍ଷ ସୁକାନ୍ତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ, ଯୁବପିଢି ସଚେତନଭିତ୍ତିକ କାର୍ଯ୍ୟରେ ସାମିଲ ହେବାକୁ କହିଥିଲେ। ସାମାଜିକ କର୍ତ୍ତବ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ ବୋଲି ମତ ରଖିଥିଲେ। ସେହିପରି ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ସେବାକୁ ଜୀବନର ପରମବ୍ରତ ଭାବିବା ପାଇଁ ଛାତ୍ରଙ୍କ ଆହ୍ୱାନ କରିଥିଲେ। ଅଧ୍ୟାପକ ମୋହନ ରାଉତରାୟ, କେ.ଆଇ. ଆଚାର୍ଯ୍ୟ, କୁମୁଦିନୀ ଦ୍ୱିବେଦୀ, ଅଜିତ ଭୂୟାଁ, ରବୀନ୍ଦ୍ର ଓଝା, ସୁମନ୍ତ ଦାସ, ପୁଷ୍ପଲତା ଦାସ, ପ୍ରତିଭା ପଣ୍ଡା ଓ ଲତିଫ ମହମ୍ମଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରୋଗ୍ରାମ ଅଫିସର ଶେଖ୍ ଆସଲମ ଅଲ୍ଲି ଓ ସହପ୍ରୋଗ୍ରାମ ଅଫିସର ଅଭୟ ମହାରଣାଙ୍କ ତତ୍ତ୍ୱାବଧାନରେ ୨୫ ଛାତ୍ର ପାଟେଣିଗାଁକୁ ପୋଷ୍ୟଗ୍ରାମ ଭାବେ ନେଇଥିଲେ। ସେଠାରେ ସ୍ୱଚ୍ଛତା, ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ ଓ ନାରୀ ଅତ୍ୟାଚାରୀ ସମ୍ପର୍କରେ ସଚେତନତା ବାର୍ତ୍ତା ପହଞ୍ଚାଇଥିଲେ। ସେହିପରି ପଥପ୍ରାନ୍ତ ନାଟକ ଜରିଆରେ ଡେଙ୍ଗୁ, ମ୍ୟାଲେରିଆ ନିରାକରଣ, ସର୍ବଧର୍ମ ସମ୍ମାନ ଓ କୁସଂସ୍କାର ସମ୍ପର୍କରେ ତଥ୍ୟ ରଖିଥିଲେ। ଶରତ ଚନ୍ଦ୍ର ମହାନ୍ତି ସଭା ପରିଚାଳନା, ବିଭୂତି ମହାପାତ୍ର ଅତିଥି ପରିଚୟ ଓ ମିଟୁ ରାଉତ ଧନ୍ୟବାଦ ଦେଇଥିଲେ। ସ୍ମାରକ ମିଶ୍ର, ସ୍ନେହମୟୀ ଦାସ ଏବଂ ଭରତ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନିର୍ମଳ ଜଳ ଝର ପ୍ରକଳ୍ପ ଉଦ୍‌ଘାଟିତ



ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ସତ୍ୟସାଇ ଟ୍ରଷ୍ଟ ସଦସ୍ୟ।

**ଏରସମା, ୨୭।୧୨ (ସ୍ୱ.ପ୍ର.)**

ଏରସମା ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତସ୍ଥିତ ପ୍ରଧାନଘେରି ଗ୍ରାମରେ ସତ୍ୟସାଇ ଟ୍ରଷ୍ଟ ପକ୍ଷରୁ ପ୍ରତିଷ୍ଠା କରାଯାଇଥିବା ନିର୍ମଳ ଜଳ ଝର ପ୍ରକଳ୍ପ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସର୍ବଭାରତୀୟ ସତ୍ୟସାଇ ସେବା ସଂଗଠନ ସଭାପତି ନିମେଶ ପାଣ୍ଡିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରକଳ୍ପ ଉଦଘାଟନ କରିଥିଲେ। ଗ୍ରାମାଞ୍ଚଳବାସୀଙ୍କୁ ସ୍ୱଚ୍ଛ ପାନୀୟ ଯୋଗାଇ ଦେବା ପାଇଁ ଟ୍ରଷ୍ଟ ପକ୍ଷରୁ ଏହି ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି। ବଜାରରେ ଏକ ଲିଟର ପାଣି ୨୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଏହି ପ୍ରକଳ୍ପ ମାଧ୍ୟମରେ ମାତ୍ର ୨ଟଙ୍କାରେ ୨୦ଲିଟର ପାଣି ଯୋଗାଇ ଦିଆଯିବ। ପରିବାର ମୁଖ୍ୟ ମାସକ ପାଇଁ ୬୦ଟଙ୍କା ଦେଇ ଏକ କାର୍ଡ କରିବା ପରେ ଉକ୍ତ ପ୍ରକଳ୍ପରୁ ପାଣି ନେଇ ବ୍ୟବହାର କରିପାରିବେ। ଏଥିପାଇଁ ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ନିମାଇଁ ଚରଣ ମଲ୍ଲିକଙ୍କୁ ସଭାପତି କରାଯାଇ ଏକ ଜଳ କମିଟି ଗଠନ କରାଯିବ। ଏହି ଅବସରରେ ଅନୁଷ୍ଠିତ ସତ୍ୟସାଇ କଥାମୃତ ଆଲୋଚନା ଚକ୍ରରେ ସତ୍ୟସାଇ ସେବା ସଂଗଠନର ରାଜ୍ୟ ସଭାପତି ନାରୟଣ ପ୍ରସାଦ ସାର, ରାଜ୍ୟ ସଂଗଠନ କନ୍‌ଭେନର ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ସର୍ବଭାରତୀୟ ଟେକ୍ନିକାଲ ଡାରେକ୍ଟର ଶ୍ରୀନିବାସନ୍, ରଜ୍ୟ ଟେକ୍ନିକାଲ କୋଅର୍ଡିନେଟର ଅଶୋକ ବିଶ୍ୱାଳ, ରାଜ୍ୟ ସତ୍ୟସଇ ଟ୍ରଷ୍ଟର ସଦସ୍ୟ ଶଶାଙ୍କ ଶାହା, ଏରସମା ବ୍ଲକ ଅଧକ୍ଷ ପ୍ରଣବ ସ୍ୱାଇଁ, ପଦ୍ମପୁର ସରପଞ୍ଚ କେଶବ ପାତ୍ର, ଆରଡବ୍ଲ୍ୟୁଏସ୍‌ଏସ୍‌ର କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ପରିଡ଼ା ପ୍ରମୁଖ ଯେଗଦେଇ ସାଇ କଥାମୃତ ଉପରେ ଆଲୋକପାତ କରିଥିଲେ।

## ଗୋଷ୍ଠୀ ଶୌଚାଳୟ ଉଦ୍‌ଘାଟିତ

**ପାରାଦୀପ,୨୭।୧୨(ସ୍ୱ.ପ୍ର.)**

ଇଣ୍ଡିଆନ ଅଏଲ ପାରାଦୀପ ତୈଳବିଶୋଧନାଗାର ପକ୍ଷରୁ ସିଏସ୍‌ଆର(କର୍ପୋରେଟ ସୋସିଆଲ ରେଶପନ୍‌ସିବିଲିଟି) ଅର୍ଥରେ ଶାରଳା ମନ୍ଦିର ପରିସରରେ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇ ଗତ ୨୫ ତାରିଖରେ ଉଦ୍‌ଘାଟନ କରାଯାଇଛି। ବିଶୋଧନାଗାର ନିର୍ବାହୀ ନିର୍ଦ୍ଦେଶକ ଟିଡିଭିଏସ୍ ଗୋପାଳକ୍ରିଷ୍ଣ ଏହାକୁ ଉଦ୍‌ଘାଟନ କରିଥିଲେ। ମାନବ ସମ୍ବଳ ବିଭାଗ ମୁଖ୍ୟ ପରିଚାଳକ ଏ.କେ. ଭଗବତୀ ଉପସ୍ଥିତ ଥିଲେ। ସ୍ୱଚ୍ଛଭାରତ ମିଶନର ଏକ ଅଂଶସ୍ୱରୂପ ଏହା କରାଯାଇଛି।

# କୁକୁଡ଼ା, ମାଛଦାନା ପ୍ରସ୍ତୁତି ପାଇଁ ପରାମର୍ଶ

**ଜଗତ୍‌ସିଂହପୁର ଅଫିସ୍/କୁଜଙ୍ଗ/ ରଘୁନାଥପୁର/ତିର୍ତ୍ତୋଲ (ଡି.ଏନ୍.ଏ.), ୨୭।୧୨**

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଜଗତ୍‌ସିଂହପୁର ଜିଲା ଦାୟିତ୍ୱରେ ଥିବା ପ୍ରଦୀପ ଜେନା ଶୁକ୍ରବାର ଜିଲାର ବିଭିନ୍ନ ବ୍ଲକ ଗସ୍ତ କରି ଉନ୍ନୟନ କାର୍ଯ୍ୟ ତଦାରଖ କରିଛନ୍ତି। ପୂର୍ବାହ୍ନରେ ସେ ତିର୍ତ୍ତୋଲ ବ୍ଲକ ଗସ୍ତ କରି ଜଡ଼ତିରା ଗ୍ରାମରେ ବସୁଧା ଯୋଜନାରେ ନିର୍ମାଣ ଚାଲିଥିବା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ତଦାରଖ କରିଥିଲେ। ନିର୍ମାଣରେ କେତେକ ତ୍ରୁଟି ପରିଲକ୍ଷିତ ହୋଇଥିବାରୁ ତୁରନ୍ତ ଏହାକୁ ସୁଧାରିବା ସହ କାମ ଶେଷ କରିବା ଲାଗି ସଚିବ ଜେନା ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହାପରେ ଓଡ଼ିଶା ଜୀବିକା ମିଶନ ସହାୟତାରେ ରଘୁନାଥପୁରର ନାରାୟଣୀ ଏସ୍‌ଏଚ୍‌ଜିଙ୍କ କୁକୁଡ଼ା ଫାର୍ମ ଦେଖିବା ପରେ ମହାବୀର ଏସ୍‌ଏଚ୍‌ଜିଙ୍କ ପରିବା ଚାଷ ଓ ମାଛ ଚାଷ ସମ୍ପର୍କରେ ପଚାରି ବୁଝିଥିଲେ। ଜଗନ୍ନାଥପୁର ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ପିଲା ଓ କେନ୍ଦ୍ରର କର୍ମୀଙ୍କ ସହିତ ଆଲୋଚନା କରିଥିଲେ। ଏଥିସହ ଏସ୍‌ଏଚ୍‌ଜି ପକ୍ଷରୁ କୁକୁଡ଼ା ଓ ମାଛ ପାଇଁ କିଣା ଯାଉଥିବା ଖାଦ୍ୟ ପ୍ରସ୍ତୁତ କରାଯାଇପାରିଲେ ଗୋଷ୍ଠୀ ସଦସ୍ୟା ଅଧିକ ଲାଭବାନ ହୋଇପାରିବ ବୋଲି ପ୍ରମୁଖ ଶାସନ ସଚିବ ପରାମର୍ଶ ଦେଇଥିଲେ। ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନାରେ ଜଗନ୍ନାଥପୁର ଗ୍ରାମରେ ନାରାୟଣ ସାହୁଙ୍କ ବିଜୁ ପକ୍କା ଘର ଓ ପାଇଖାନା ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଖଣ୍ଡତରୀ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ପିଲାଙ୍କ ଖାଇବା କଥା ପଚାରି ବୁଝିଥିଲେ। ତାରପୁରଠାରେ ନବଜ୍ୟୋତି କ୍ଲବ ଦ୍ୱାରା ନାବାର୍ଡ ସହାୟତାରେ ଓମ୍ ସାଇ ଏସ୍‌ଏଚ୍‌ଜିର ଆଞ୍ଚଳିକ ବଜାର ପରିଦର୍ଶନ କରିଥିଲେ। ଏଥିସହ ଟିକିଣିଆଠାରେ ନିର୍ମିତ ବିଦ୍ୟୁତ୍ ସବ୍‌ଷ୍ଟେଶନ୍ ଦେଖିଥିଲେ। ଜିଲାରେ ୧୫ଟି ସବ୍‌ଷ୍ଟେଶନ୍ ମଧ୍ୟରୁ ୧୦ଟି ପୂର୍ଣ୍ଣ ହୋଇଥିବା ନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଥିଲେ। ରଘୁନାଥପୁର ଗସ୍ତ ସମୟରେ ବିଡିଓ ପଞ୍ଚାନନ ପଟ୍ଟାୟତ,

**ସଚିବଙ୍କ ଜଗତ୍‌ସିଂହପୁର ଜିଲା ଗସ୍ତ**



ରଘୁନାଥପୁରଠାରେ ସଚିବ ପ୍ରଦୀପ ଜେନା ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କୁ ଖେଳଣା ଦେଖାଉଛନ୍ତି।

- **ଏସ୍‌ଏଚ୍‌ଜି ପକ୍ଷରୁ କରାଯାଉଥିବା ବିଭିନ୍ନ କାର୍ଯ୍ୟର ତଦାରଖ**
- **ଅଙ୍ଗନୱାଡି କେନ୍ଦ୍ରର ସମସ୍ୟା ସମ୍ପର୍କରେ କର୍ମୀଙ୍କ ସହ ଆଲୋଚନା**

ଏବିଡିଓ ଅଶୋକ କୁମାର ମହାନ୍ତି, ଓର୍‌ମାସ୍ ଡିସିଇଓ ସତ୍ୟସୁନ୍ଦର ଶିବରାମ ପାଇଟାଲ, ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ, ମିଶନ ଶକ୍ତି ମୁଖ୍ୟ ସ୍ନେହପ୍ରିୟା ସ୍ୱାଇଁ, ନାବାର୍ଡ ଡିଡିଏମ୍ ବିଶ୍ୱଭୂଷଣ ମହାନ୍ତି, ନବଜ୍ୟୋତି ସମ୍ପାଦକ କ୍ଷୀରୋଦ କୁମାର ଦାଶ ଉପସ୍ଥିତ ଥିଲେ।

ଏହାପରେ ସଚିବ କୋଲରଠାରେ ଅଗଭୀର ନଳକୂପ ଯୋଗେ ଆଖୁଚାଷ ହେଉଥିବା ଦେଖିବା ସହ ଚାଷୀଙ୍କୁ ସୁବିଧା ଓ ଅସୁବିଧା କଥା ପଚାରି ବୁଝିଥିଲେ। ତିର୍ତ୍ତୋଲ ବ୍ଲକର ଗରାମ ପଞ୍ଚାୟତରେ ଓଡ଼ିଶା ଜୀବିକା ମିଶନ ଦ୍ୱାରା ନିର୍ମିତ ଗ୍ରାମ ପଞ୍ଚାୟତସ୍ତରୀୟ ଫେଡେରେଶନ୍ (ଜିପିଏଲ୍‌ଏଫ୍) ଗୃହକୁ ଯାଇ ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ବ୍ୟକ୍ତିଗତ ହିତାଧିକାରୀଙ୍କ ଦ୍ୱାରା ହୋଇଥିବା କୁକୁଡ଼ା ଫାର୍ମ ପରିଦର୍ଶନ କରିଥିଲେ। ଏହାପରେ କୁଜଙ୍ଗ ବ୍ଲକ ଗସ୍ତ କରି କେତେକ ଅଙ୍ଗନୱାଡି କେନ୍ଦ୍ର, ଗ୍ରାମାଞ୍ଚଳ ଗୃହ, ଟେରାକୋଟା କାମ, ତହସିଲ ଅଫିସ୍ ଓ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସଚିବଙ୍କ ଗସ୍ତ ବେଳେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଉପସ୍ଥିତ ରହି ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ। ଏହି ସମୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତିଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

### ସତ୍ୟସାଇ ସଙ୍ଗଠନର ରାଜ୍ୟ ସମ୍ମିଳନୀ ଉଦ୍‌ଘାଟିତ

**ପାରାଦୀପ,୨୭।୧୨(ସ୍ୱ.ପ୍ର.)**

ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ପରିସରରେ ଶୁକ୍ରବାର ସତ୍ୟସାଇ ସଙ୍ଗଠନର ୪୪ତମ ରାଜ୍ୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। ସତ୍ୟସାଇ ସେବା ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀକୁ ସଙ୍ଗଠନର ଜାତୀୟ ସଭାପତି ନିମିଶ ପଣ୍ଡା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ରାଜ୍ୟ ସଭାପତି ନାରାୟଣ ପ୍ରସାଦ ସର, ସଂଯୋଜକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଜିଲା ସଭାପତି ବିପିନ ବିହାରୀ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୨୫ ଶହ ପ୍ରତିନିଧି ଏବଂ ଜଗତ୍‌ସିଂହପୁର ଜିଲାର ୮ ବ୍ଲକ, ୧୯୫ ଗ୍ରାମ ପଞ୍ଚାୟତରୁ ୧୨୮୫ ଗ୍ରାମର ପ୍ରତିନିଧିମାନେ ସାମିଲ ହୋଇଥିଲେ। ଏହି ସମ୍ମିଳନୀର ଦୁଇଦିନ ପୂର୍ବରୁ ୨୫ ଓ ୨୬ରେ ବାଳ ବିକାଶର ୫୦ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ସେବା ଓ ସତସଙ୍ଗ କାର୍ଯ୍ୟକ୍ରମ ହୋଇଥିଲା। ଏଥିସହ ପାରାଦୀପରେ ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ଏକ କମ୍ପ୍ୟୁଟର ତାଲିମ ଶିବିର ଖୋଲାଯାଇଛି ଏବଂ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କରାଯାଇଥିଲା।

DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୮/୨୦୧୯ Bhubaneswar, Saturday, December 28/2019

## ସଂକ୍ଷେପରେ

### ଯୁବତୀଙ୍କୁ ଅଶ୍ଳୀଳ ଇଙ୍ଗିତ କରି ଜେଲ ଗଲେ ଯୁବକ

ରସୁଲପୁର,୨୭।୧୨(ଡିଏନଏ)- ରସୁଲପୁର ବ୍ଲକ ଗନ୍ଧଣ ପଞ୍ଚାୟତ ଏକତଳା ଗ୍ରାମର ରସାନନ୍ଦ ମଳିକ(୨୭) ସେହି ଗାଁର ଜଣେ ଯୁବତୀଙ୍କୁ ଅଶ୍ଳୀଳ ଇଙ୍ଗିତ କରି ଜେଲ ଯାଇଥିବା ଜଣାପଡ଼ିଛି। ଉକ୍ତ ଘଟଣାକୁ ସ୍ଥାନୀୟ ଅଞ୍ଚଳର ମୁରବୀଙ୍କ ଦ୍ୱାରା ଆପୋଷ ସମାଧାନ କରିବା ପାଇଁ ଚେଷ୍ଟା କରାଯାଇଥିଲା। ମାତ୍ର ମାମଲା ସମାଧାନ ହୋଇ ନ ପାରିବାରୁ ଯୁବତୀ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ-୩୬୫/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲଣ କରିଥିଲା।

### ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଭାନ୍, ଥାନାରେ ଏତଲା

ଯୋଡ଼ା, ୨୭।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରରେ ଥିବା ଦୁଇଟି ବ୍ୟାଙ୍କର ଦୁଇଜଣ ଗ୍ରାହକଙ୍କ ଆକାଉଣ୍ଟରୁ ୪ ଲକ୍ଷ ୬୫ ହଜାରରୁ ଅଧିକ ଟଙ୍କା ଉଭାନ୍ ହୋଇଯାଇଥିବା ନେଇ ଯୋଡା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏନେଇ ଦୁଇଟି ପୃଥକ ମାମଲା (ନଂ ୨୨୪/୨୦୧୯ ଓ ୨୩୦/୨୦୧୯) ରୁଜୁ କରି ତଦନ୍ତ କରୁଥିବା ଯୋଡା ଥାନା ଆଇଆଇସି ରାଇସେନ୍ ମୁର୍ମୁ ସୂଚନା ଦେଇଛନ୍ତି।

ଥାନାରେ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି ଯେ, ଝୁମ୍ପୁରା ଥାନା ଅନ୍ତର୍ଗତ ଗୁମୁରା ଅଞ୍ଚଳରେ ନିରଞ୍ଜନ ମହାନ୍ତଙ୍କର ବ୍ୟାଙ୍କ ଆକାଉଣ୍ଟରୁ ଗତ ମାସ ୧୮ ତାରିଖରୁ ଚଳିତମାସ ୧୮ ତାରିଖ ମଧ୍ୟରେ ୨ଲକ୍ଷ ୭୫ ହଜାର ୭୭୮ ଟଙ୍କା ଉଭାନ ହୋଇଯାଇଛି। ସେ ଏକଥା ଜାଣିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କୌଣସି ସୁଫଳ ନମିଳିବାରୁ ଶେଷରେ ସେ ଯୋଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ଯୋଡାର ଗଜେନ୍ଦ୍ର ସିଂଙ୍କର ବ୍ୟାଙ୍କ ଆକାଉଣ୍ଟରୁ ଅନଲାଇନ ଜରିଆରେ ଦେଣନେଣ କାରବାର କରିବା ପରେ ସେଥିରୁ ୧ଲକ୍ଷ ୯୦ ହଜାର ଟଙ୍କା ଉଭାନ ହୋଇଯାଇଥିଲା। ସେ ଏ ସମ୍ପର୍କରେ ଜାଣିବାପରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଭଳି ଠକେଇ ପଛରେ ଆକାଉଣ୍ଟ ହ୍ୟାକରମାନଙ୍କ ହାତ ଥିବା ସନ୍ଦେହ କରାଯାଉଥିଲେ ମଧ୍ୟ ଏହା ଉପରେ କୌଣସି ଅଙ୍କୁଶ ଲଗାଯାଇପାରୁ ନାହିଁ।

# ଡିଡିଏମ୍ ଅଫିସ ଘେରିଲେ ଟ୍ରକ୍ ମାଲିକ



ଟ୍ରକ ମାଲିକମାନେ ଡିଡିଏମ୍ ଅଫିସ ସାମ୍ନାରେ ଧାରଣାରେ ବସିଛନ୍ତି ।

ଯାଜପୁର ଅଫିସ,୨୭।୧୨

- ନିୟମିତ ମିଳୁନି ଲୋଡିଂ ପ୍ରାପ୍ୟ, ଅଗ୍ରିମ
- ଟନ୍ ପିଛା କଟାଯାଉଛି ୨୦୦ ଟଙ୍କା
- ମାମୁଲି ବାହାନାରେ ଗାଡି ପ୍ରତି ୧୭୦୦ ଟଙ୍କା ପର୍ଯ୍ୟନ୍ତ ଆଦାୟ

ଯାଜପୁର ଜିଲା ରତ୍ନଗର୍ଭା ସୁକିନ୍ଦା ଖଣି ଅଞ୍ଚଳରେ ପରିବହନକୁ ନେଇ ପୁଣି ଅଶାନ୍ତି ମୁଣ୍ଡ ଟେକୁଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜିଲା ପ୍ରଶାସନର ହସ୍ତକ୍ଷେପ ଯୋଗୁ ଫାଷ୍ଟ କମ୍ ଫାଷ୍ଟ ଲୋଡ ସିନା କାର୍ଯ୍ୟକାରୀ ହୋଇଛି, ହେଲେ ଯେକୌଣସି ପ୍ରକାରେ ଟ୍ରକ ମାଲିକଙ୍କୁ ହଇରାଣ କରିବାକୁ ଷଡଯନ୍ତ୍ର ଚାଲିଛି। ଏହା ବିରୋଧରେ ଶୁକ୍ରବାର ଉପେକ୍ଷିତ ଟ୍ରକ ମାଲିକମାନେ ଡିଡିଏମ୍ (ଡେପୁଟୀ ଡାଇରେକ୍ଟର ଅଫ୍ ମାଇନ୍ସ) କାର୍ଯ୍ୟାଳୟ ଘେରାଉ କରି ସପ୍ତାହେ ମଧ୍ୟରେ ପରିବହନ ଠିକାଦାରଙ୍କ ମନମାନି ଓ ଖଣିରୁ ଚାନ୍ଦା ଆଦାୟ ସମସ୍ୟାର ସମାଧାନ ନ ହେଲେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି। ଏହି ମର୍ମରେ ଟ୍ରକ ମାଲିକ ସଂଘ ପକ୍ଷରୁ ଡିଡିଏମଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ସୁକିନ୍ଦା କ୍ରୋମାଇଟ ଖଣି ଟ୍ରକ ମାଲିକ ସଂଘ, କୁହିକା ସମେତ ଯାଜପୁର ଜିଲାର ଚଣ୍ଡିଖୋଲ, ଯାଜପୁର, ଡୁବୁରୀ, ଟମକା, ସୁକିନ୍ଦା ପ୍ରଭୃତି ଅଞ୍ଚଳର ଟ୍ରକ ମାଲିକଙ୍କୁ ବିଭିନ୍ନ ଉପାୟରେ ଶୋଷଣ ଓ ହଇରାଣ କରାଯାଉଛି। ଫାଷ୍ଟ କମ୍ ଫାଷ୍ଟ ଲୋଡ ଲାଗୁ ହେବା ପରଠାରୁ ସମ୍ପୃକ୍ତ ପରିବହନ ଠିକାଦାରଙ୍କ ମନମାନିରେ ଗାଡି ମାଲିକମାନେ ଅତିଷ୍ଠ ହୋଇ ପଡ଼ିଲେଣି। ପରିବହନ ଠିକାଦାରମାନେ ଭଡ଼ା ପରିବହନରେ ଅହେତୁକ ବିଳମ୍ବ କରିବା ସହ ପୂର୍ବରୁ ପ୍ରଚଳିତ ଭଡା ଦରଠାରୁ ଟନ୍ ପ୍ରତି ୧୦୦ରୁ ୨୦୦ ଟଙ୍କା ପର୍ଯ୍ୟନ୍ତ କାଟି ଭଡା ପ୍ରଦାନ କରୁଛନ୍ତି। ସେହିପରି ଖଣିଗୁଡିକରେ ମାମୁଲି (ଶ୍ରମିକଙ୍କ ପ୍ରାପ୍ୟ ବାବଦ) ବାହାନାରେ ଗାଡିରୁ ୫୦୦ରୁ ୧୭୦୦ ଟଙ୍କା ପର୍ଯ୍ୟନ୍ତ ଚାନ୍ଦା ଆଦାୟ ହେଉଛି। ଏହି ଟଙ୍କା କୁଆଡେ ଯାଉଛି ତାହା ଜଣାପଡୁ ନାହିଁ। ଏ ସଂକ୍ରାନ୍ତରେ ପୂର୍ବରୁ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ନିକଟରେ ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ସମସ୍ୟାର ସମାଧାନ ହୋଇ ପାରିନାହିଁ। ଆନ୍ଦୋଳନରେ ଅରୁଣ କୁମାର ପରିଡା, ଅମିୟରଞ୍ଜନ ବରାଳ, ସୁଦର୍ଶନ ପାତ୍ର, ଅଭିମନ୍ୟୁ ଦାସ, ହୃଦାନନ୍ଦ ସାମଲ, ବିଜୟ କୁମାର ମହାନ୍ତି, ଅଶୋକ କୁମାର ନାୟକ, ସୂର୍ଯ୍ୟମଣି ବେହେରା, ସୁରେଶ ସାହାଣୀ, ରଶ୍ମୀରଞ୍ଜନ ରାଜ, ବିଶ୍ୱଜିତ ରାଜ ପ୍ରମୁଖ ସାମିଲ ଥିଲେ। ସୂଚନାଯୋଗ୍ୟ ଯେ, ଗତ ସେପ୍ଟେମ୍ବର ୫ରେ ଯାଜପୁରରୋଡ ଡିଡିଏମ ତାଙ୍କ ପତ୍ରସଂଖ୍ୟା ୧୩୭୨/୫।୯।୨୦୧୯ରେ ଖଣି ଲିଜଧାରୀ ଓ ପରିବହନକାରୀଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଫାଷ୍ଟ କମ୍ ଫାଷ୍ଟ ଲୋଡ ଆଇନ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଉପଯୁକ୍ତ ଭାବେ ଲୋଡିଂ ପାଇବାରୁ ବଞ୍ଚିତ ହେଉଥିବା ପ୍ରାୟ ହଜାରେ ଟ୍ରକ ମାଲିକ ଫାଷ୍ଟ କମ୍ ଫାଷ୍ଟ ଲୋଡ ଆଇନ ଅନୁସାରେ ଉପକୃତ ହେଉଛନ୍ତି। କିନ୍ତୁ ଫାଷ୍ଟ କମ୍ ଫାଷ୍ଟ ଲୋଡ ଆଇନ କାର୍ଯ୍ୟକାରୀ ହୋଇଥିଲେ ହେଁ ବିଭିନ୍ନ ଉପାୟରେ ଟ୍ରକ ମାଲିକଙ୍କୁ ହଇରାଣ କରି ପୁଣି ଶୋଷଣ କରାଯାଉଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ତେବେ ଆନ୍ଦୋଳନକାରୀଙ୍କୁ ଯାଜପୁରରୋଡ ଡିଡିଏମ ଭେଟି ଆଲୋଚନା କରିବା ସହିତ ସମସ୍ୟାର ସମାଧାନ କରବାକୁ ସପ୍ତାହେ ପର୍ଯ୍ୟନ୍ତ ସମୟ ମାଗିବାରୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି।

## ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ
# ବ୍ୟବହୃତ ମାଟିର ପରିମାଣ ଆକଳନ କଲା ସିଆ ଟିମ୍

ଧର୍ମଶାଳା,୨୭।୧୨(ଡିଏନ୍ଏ)

୧୬ନଂ ଜାତୀୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟ ଡିଲ ବିଲ୍ଡକନ କମ୍ପାନୀ କରୁଛି। ଏହି କମ୍ପାନୀ ରାସ୍ତା ପ୍ରଶସ୍ତୀକରଣରେ ବ୍ୟବହୃତ କରୁଥିବା ମାଟିର ପରିମାଣକୁ ଶୁକ୍ରବାର ସିଆ(ଷ୍ଟେଟ ଏନ୍ଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଟୋରିଟୀ)ର ଏକ ଟିମ୍ ପହଞ୍ଚି ଆକଳନ କରିଛି। ସିଆର ଏହି ଟିମରେ ସିଆର ଜଣେ ସଦସ୍ୟ ଶକ୍ତିକାନ୍ତ ସାହୁ, ଯାଜପୁର ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, କଳିଙ୍ଗନଗର ଆରଓ ପ୍ରମୋଦ କୁମାର ବେହେରା ପ୍ରମୁଖ ଶୁକ୍ରବାର କମ୍ପାନୀ ବ୍ୟବହୃତ ପାଇଁ ଖନନ କରୁଥିବା ମାଟି ବିଭିନ୍ନ ସ୍ଥାନ ବୁଲି ଆକଳନ କରିଥିଲେ। ସୂଚନାଯୋଗ୍ୟ ଯେ, ରାସ୍ତା ନିର୍ମାଣ କମ୍ପାନୀ ମାଟି ଉଠାଣ ପାଇଁ ଧର୍ମଶାଳା ତହସିଲରେ ୭୦ଲକ୍ଷ ଟଙ୍କା ରୟାଲିଟି ପାଇଁ ଜମା କରିଛି। ତେବେ ଶୁକ୍ରବାର ଏହି ଟିମ୍ ଉଠା ହୋଇଥିବା ମାଟିର ପରିମାଣ ଆକଳନ କରି ଫେରିଯାଇଥିବା ଜଣାପଡ଼ିଛି।

### ଅଗ୍ନିକାଣ୍ଡରେ ଘର, ଆସବାବପତ୍ର ପାଉଁଶ

ବରୀ,୨୭।୧୨(ସ୍ୱ.ପ୍ର)

ବରୀ ବ୍ଲକ ଅଧୀନ ଭଅଁରା ପଞ୍ଚାୟତ ଭୁରୁଙ୍ଗା ଗ୍ରାମର ସଦାଶିବ କରଙ୍କ ଛଣଛପର ଘରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ କରଙ୍କର ୨ ବଖରା ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯିବା ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ଗ୍ରାମବାସୀଙ୍କ ଦ୍ୱାରା ନିଆଁକୁ ଆୟତ କରାଯାଇଥିଲା। ବିଳମ୍ବରେ ବରୀ ଅଗ୍ନିସେବା କେନ୍ଦ୍ର ପକ୍ଷରୁ ଦମକଳ ବାହିନୀ ପହଞ୍ଚି ସେବା ଯୋଗାଇଥିବା ଜଣାପଡିଛି। ଖୋଲା ଆକାଶ ତଳେ କରଙ୍କ ପରିବାର ଆଶ୍ରୟ ନେଇଥିଲାବେଳେ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।




# ୧୨ରେ ରାଜ୍ୟସ୍ତରୀୟ ୪ର୍ଥ ଅଶୋକ ଦାସ ମିନି ମାରାଥନ୍




ମିନି ମାରାଥନକୁ ନେଇ ଆୟୋଜିତ ଖବରଦାତା ସମ୍ମିଳନୀ ।

**ଯାଜପୁର ଟାଉନ,୨୭।୧୨(ଡିଏନଏ)**

ରାଜ୍ୟସ୍ତରୀୟ ୪ର୍ଥ ଅଶୋକ ଦାସ ମିନି ମାରାଥନ ଆସନ୍ତା ଜାନୁଆରୀ ୧୨ ତାରିଖ ଅନୁଷ୍ଠିତ ହେବ। ଚଳିତ ବର୍ଷ ମାଳଆନନ୍ଦପୁର ସ୍କୁଲ ପଡିଆରୁ ବାଳାଶ୍ରମ ପଡ଼ିଆ ପର୍ଯ୍ୟନ୍ତ ମିନି ମାରାଥନ (ଗଣଦୌଡ଼) ପ୍ରତିଯୋଗିତାରେ ୩ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେବା ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଡିସେମ୍ବର ୩୦ରୁ ୫ ତାରିଖ ମଧ୍ୟରେ ଆଗ୍ରହୀ ପ୍ରତିଯୋଗୀ ସେମାନଙ୍କ ନାମ ପଞ୍ଜୀକରଣ କରିବା ପାଇଁ ୧୦ଟି ସ୍ଥାନରେ ଫର୍ମ ନେଇପାରିବେ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି। ସକାଳ ୭ଟା ସମୟରେ ମାଳଆନନ୍ଦପୁର ସ୍କୁଲ ପଡିଆରୁ ଗଣଦୌଡ ଆରମ୍ଭ ହୋଇ ଯାଜପୁର ବାଳାଶ୍ରମ ପଡିଆରେ ପହଞ୍ଚିବ। ଗଣଦୌଡରେ ଭାଗ ନେଇଥିବା ପୁରୁଷ ଓ ମହିଳା ବର୍ଗର ୧୦ଜଣ ଲେଖାଏଁ ଅଗ୍ରଣୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ପ୍ରଥମ ପୁରସ୍କାର ସ୍ୱରୂପ ୨୦ ହଜାର, ୨ୟ ପୁରସ୍କାର ସ୍ୱରୂପ ୧୫ହଜାର ଓ ୩ୟ ପୁରସ୍କାର ଅର୍ଥରାଶି ୧୦ହଜାର ରଖାଯାଇଛି। ଏହାଛଡା ୪ର୍ଥରୁ ୧୦ମ ସ୍ଥାନ ପର୍ଯ୍ୟନ୍ତ ପ୍ରତିଯୋଗୀଙ୍କୁ ୫ହଜାର ଲେଖାଏଁ ସାନ୍ତ୍ୱନାମୂଳକ ପୁରସ୍କାର କରାଯିବ। ଏହି ଗଣଦୌଡକୁ ଭଦ୍ରକ ଜିଲା କୋଠାର ରାମକିଶନ ମଠର ସ୍ୱାମୀ ଦେବେଶାନନ୍ଦ ମହାରାଜ ଜୀ ଉଦ୍‌ଘାଟନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ପ୍ରଧାପକ ବଟକୃଷ୍ଣ ମହାପାତ୍ର, ପୂର୍ବତନ ପୌରପାଳ ଭବପ୍ରକାଶ ଦାସ ଓ ପୂର୍ବତନ ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ୟାସ ଟାଙ୍କିରେ ନିଆଁ
# ଉପସ୍ଥିତ ବୁଦ୍ଧି ଯୋଗୁ ବର୍ତ୍ତିଲେ ପରିବାର

ଯାଜପୁର ଅଫିସ,୨୭।୧୨

ବ୍ୟାସନଗର ପୌର ପରିଷଦ ଲକ୍ଷ୍ମୀନଗର ବଙ୍ଗଳାସାହିର ସୁବାସ ମେହେରଙ୍କ ଘରେ ଶୁକ୍ରବାର ସକାଳ ୮ଟା ସମୟରେ ଗ୍ୟାସ ଟାଙ୍କିରେ ନିଆଁ ଲାଗିଯାଇଥିଲା। ତେବେ ପରିବାର ସଦସ୍ୟଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ କାହାରି କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି। କୁଡିଆ ଘରେ ରହୁଥିବା ସୁବାସଙ୍କ ପରିବାର ଲୋକେ ଏକ ଛୋଟ ଗ୍ୟାସ ଟାଙ୍କି ଚୁଲାରେ ନିଆଁ ଲଗାଇଥିଲେ। କିଛି ସମୟ ପରେ ନିଆଁ ଗ୍ୟାସ ଟାଙ୍କିକୁ ବ୍ୟାପୀ ଥିଲା। ଏହାଦେଖି ପରିବାର ଲୋକେ ଜଳନ୍ତା ଗ୍ୟାସକୁ ବାହାରକୁ ନେଇ ଆସି ଯାଜପୁରରୋଡ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଟାଙ୍କିରେ ଲାଗିଥିବା ନିଆଁକୁ ଲିଭାଇ ଏକ ବଡ ବିପଦରୁ ମୁକୁଳାଇ ଥିଲା।

### ଭାଉଜଙ୍କୁ ମରଣାନ୍ତକ ଆକ୍ରମଣ, ଦିଅର ଗିରଫ

ରସୁଲପୁର,୨୭।୧୨(ଡିଏନଏ)

ରସୁଲପୁର ବ୍ଲକ ସିଂହାପୁର ପଞ୍ଚାୟତ ହରିଡାପାଳ ଗ୍ରାମରେ ପାରିବାରିକ ଗଣ୍ଡଗୋଳ ଘଟି ଭାଉଜ ଝୁନୁପ୍ରଭା ମଳିକ ଆହତ ହୋଇଥିବାବେଳେ ଅଭିଯୁକ୍ତ ଦିଅର ସୁଶାନ୍ତ କୁମାର ମଳିକ ଜେଲ ଯାଇଛନ୍ତି। ପ୍ରକାଶ ଯେ, ଗୁରୁବାର ଗାଁରେ ଜଣଙ୍କ ଦେହାନ୍ତ ହୋଇଯାଇଥିବାରୁ ତାଙ୍କ ମୃତଦେହକୁ ଛୁଇଁ ସୁଶାନ୍ତ ଘରକୁ ଆସିଥିଲେ। ମାତ୍ର ଶୌଚ ନ ହୋଇ ଘର ଭିତରକୁ ପଶି ଯାଇଥିବାରୁ ଭାଉଜ ତାହାକୁ ବିରୋଧ କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ରାଗିଯାଇ ସୁଶାନ୍ତ ଏକ ଧାରୁଆ ଅସ୍ତ୍ରରେ ଭାଉଜଙ୍କୁ ଆକ୍ରମଣ କରିଥିଲା। ଏଥିରେ ମହିଳାଙ୍କ ହାତରେ ଆଘାତ ଲାଗିଛି। ଏହାଛଡା ସୁଶାନ୍ତ ପୂର୍ବରୁ ବହୁବାର ଘରେ ଗଣ୍ଡଗୋଳ କରିବା ସହ ମା'ବାପାଙ୍କୁ ମାଡ ମାରିଥିବା ଓ ଘରର ଆସବାସପତ୍ର ଭାଙ୍ଗିରୁଜି ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ-୩୭୪/୧୯) ରୁଜୁ କରିବା ସହ ଅଭିଯୁକ୍ତ ସୁଶାନ୍ତଙ୍କୁ କୋର୍ଟ ଚାଲାଣ କରିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଦାବିପତ୍ର

**ଦଶପଲ୍ଲା,୨୭।୧୨(ଡି.ଏନ୍.ଏ.)**- ବରିଷ୍ଠ ନାଗରିକ ମଞ୍ଚ ଦଶପଲ୍ଲାର ସଭାପତି ପ୍ରାଣକୃଷ୍ଣ ବେହେରା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ର ମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତବେଳେ ଦଶପଲ୍ଲାଠାରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ବୃଣ୍ଡଙ୍ଗ ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବା, କୁଆଁରିଆକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ଦେବା, ମହିପୁରଠାରୁ ଦଶପଲ୍ଲାକୁ ରେଳ ସଂଯୋଗ ନିମନ୍ତେ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକରିବା ଦାବି ରହିଛି। ସେହିପରି ବହୁ ଗରିବ ଆଦିବାସୀ ଖାଉଟି କାର୍ଡରୁ ବଞ୍ଚିତ ଏବଂ ବହୁ ଯୋଗ୍ୟ ବ୍ୟକ୍ତି ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ତାଙ୍କୁ ତାହା ପ୍ରଦାନ କରିବା ନିମନ୍ତେ ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିଗୁଡ଼ିକ ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସଭାପତି ବେହେରା ଅନୁରୋଧ କରିଛନ୍ତି।

### ଟାକେରାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସେମିଫାଇନାଲରେ ଦଶପଲ୍ଲା

**ଦଶପଲ୍ଲା,୨୭।୧୨(ଡି.ଏନ୍.ଏ.)**- ଦଶପଲ୍ଲା ବ୍ଲକର ଟାକେରାଠାରେ ୱାଇୟୁସିସି ଟାକେରା ଆନୁକୂଲ୍ୟରେ ଚାଲିଥିବା ୧୮ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଖେଳରେ ଦଶପଲ୍ଲା ବିଜୟୀ ହୋଇ ପ୍ରଥମ ସେମିଫାଇନାଲକୁ ପ୍ରବେଶ କରିଛି। ପ୍ରଥମେ ଆଇସିସି ଦଶପଲ୍ଲା ବ୍ୟାଟିଂ କରି ୨୦ ଓଭରରେ ୧୬୫ ରନ କରିଥିଲା। ଏହାର ଜବାବରେ ଜାମୁସାହି ୭୫ ରନ କରିବାରେ ସକ୍ଷମ ହୋଇଥିଲା। ଖେଳ ପରିଚାଳନା କରିଥିଲେ ଦୀନବନ୍ଧୁ ଆଚାର୍ଯ୍ୟ ଏବଂ ଆଶୋକ ସାହୁ।

### ଅନ୍ଧାରରେ ଖୋର୍ଦ୍ଧା ସହରର ଧର୍ମପୀଠ

ଆଲୋକିତ କରିବାକୁ ଏମ୍‌ପିଙ୍କୁ ନିବେଦନ

**ଖୋର୍ଦ୍ଧା ଅଫିସ,୨୭।୧୨:**ଖୋର୍ଦ୍ଧା ସହରର ପ୍ରମୁଖ ଧର୍ମପୀଠ ବରୁଣେଇ, ଧବଳେଶ୍ୱର ମନ୍ଦିର, ଅସୁରଢ଼ିପ ମନ୍ଦିର, ଗୀତା ଭବନ, ସତ୍ୟସାଇ ମନ୍ଦିର, ମସଜିଦ୍, ଚର୍ଚ୍ଚ ଓ ଶ୍ମଶାନସ୍ଥଳ ଅବହେଳିତ ଓ ଉପେକ୍ଷିତ ହୋଇରହିଛି। ଅନ୍ଧାରର ସୁଯୋଗ ନେଇ ଚୋରି ବି ହେଉଛି। ବରୁଣେଇ ପରି ପର୍ଯ୍ୟଟନ କ୍ଷେତ୍ରକୁ ବି ଗୁରୁତ୍ୱ ଦିଆଯାଉନି। ଏହିସବୁ ପୀଠରେ ଆଲୋକ ବ୍ୟବସ୍ଥା କରିବାକୁ ଖୋର୍ଦ୍ଧା ସହରର ବିକାଶ ପରିଷଦ ପକ୍ଷରୁ ଶକ୍ତି ଶଙ୍କର ମିଶ୍ର ଭୁବନେଶ୍ୱର ଏମ୍‌ପିଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି। ସେହିଭଳି ଖୋର୍ଦ୍ଧା ବଲାଙ୍ଗୀର ରେଳପଥର ଖୋର୍ଦ୍ଧା ଟାଉନ ଷ୍ଟେଶନକୁ ପଡିଥିବା ରାସ୍ତାର ପୁନରୁଦ୍ଧାର କରିବାକୁ ଦାବି ହେଉଛି। ରାସ୍ତାଟି ମରଣଯନ୍ତା ହୋଇ ପଡିରହିଛି। ବିକାଶ ପରିଷଦ ପକ୍ଷରୁ ଅନୁରୂପ ସ୍ମାରକପତ୍ର ଦେଇଛନ୍ତି।

### କୃଷକ କ୍ଷେତ୍ର ଦିବସ

**ନିରାକାରପୁର,୨୭।୧୨(ଡି .ଏନ୍ .ଏ.)**- ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଡିଆ ପଞ୍ଚାୟତସ୍ଥିତ ଶ୍ରୀକପିଳେଶ୍ୱରଙ୍କ ମନ୍ଦିରଠାରେ ଶୁକ୍ରବାର ରାଷ୍ଟ୍ରୀୟ ଯୋଜନା ଆନୁକୂଲ୍ୟରେ କୃଷକ କ୍ଷେତ୍ର ଦିବସ ନିରାକାରପୁର କୃଷି ଅଧିକାରିଣୀ ସ୍ୱନ୍ଦିତା ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

# ସାତକୋଶିଆରେ ଜମୁଛି ପର୍ଯ୍ୟଟକଙ୍କ ଭିଡ଼

ଗଣିଆ,୨୭।୧୨(ଡି.ଏନ.ଏ.)

ନୂଆ ବର୍ଷ ଆଉ ୩ଦିନ ବାକି ଥିବା ବେଳେ ଧିରେ ଧିରେ ସାତକୋଶିଆରେ ପର୍ଯ୍ୟଟକଙ୍କ ଭିଡ ଜମିବାରେ ଲାଗିଛି । ସାତକୋଶିଆ ବ୍ୟାଘ୍ର ସଂରକ୍ଷଣାଞ୍ଚଳ ସାଉଥ ବଡମୂଳଠାରେ ଥିବା ପ୍ରାକୃତିକ ପର୍ଯ୍ୟଟନସ୍ଥଳୀର ଭରପୁର ମଜା ଉଠାଇବା ପାଇଁ ପ୍ରତିଦିନ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଛୁଟି ଆସୁଥିବା ଦେଖିବାକୁ ମିଳିଛି। ଏପରିକି ସାତକୋଶିଆ ପ୍ରବେଶ ପଥ ଛାମୁଣ୍ଡିଆ ଚେକ୍‌ନାକାଗେଟଠାରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବହୁ ସଂଖ୍ୟାରେ କାର, ବସ, ଟ୍ରାଭେଲର ପରି ଗାଡି ଗହଳି ଲାଗି ରହୁଛି। ଏଥିସହ ଏକ୍ସ ମାସ ଛୁଟି ଥିବାରୁ ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀ ଛାତ୍ରମାନଙ୍କ ଠାରୁ ଆରମ୍ଭ କରି ସରକାରୀ ଓ ବେସରକାରୀ କର୍ମଚାରୀମାନେ ନିଜ ନିଜ ପରିବାର ସହ ବଣଭୋଜିର ଆସର ଜମେଇଥିବା ଦେଖିବାକୁ ମିଳିଛି। ବିଶେଷ କରି ଏହି ଅଞ୍ଚଳର ମଣିଭଦ୍ରା ପର୍ବତର ପାଦଦେଶ ମା କଳାପାଟ ପୀଠ ଠାରୁ ଆରମ୍ଭ କରି ବଡମୂଳ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶହ ଶହ ସଂଖ୍ୟାରେ



ଛାମୁଣ୍ଡିଆ ଚେକନାକା ଗେଟ ସମ୍ମୁଖରେ ପର୍ଯ୍ୟଟକଙ୍କ ଗାଡି ଗହଳି।

ପର୍ଯ୍ୟଟକ ମହାନଦୀ କୂଳରେ ଭିଡ ଜମାଉଛନ୍ତି। ସେହିପରି ସାତକୋଶିଆ ସ୍ୟାଣ୍ଡ ରିସୋର୍ଟରେ ଜାନୁଆରୀ ୧୦ତାରିଖ ପର୍ଯ୍ୟନ୍ତ ସମସ୍ତ କଟେଜ ଅଗ୍ରୀମ ଭାବେ ଅନଲାଇନ ଯୋଗେ ବୁକିଂ ହୋଇସାରିଥିବା ପର୍ଯ୍ୟଟନ କେନ୍ଦ୍ର ପରିଚାଳନା କମିଟି ତରଫରୁ ସୂଚନା ମିଳିଛି। ବଣଭୋଜି ସହ ପର୍ଯ୍ୟଟକମାନେ ପ୍ରାକୃତିକ ପରିବେଶ ଉପଭୋଗ କରିବା ସାଙ୍ଗକୁ ସ୍ୟାଣ୍ଡ ରିସୋର୍ଟରେ ବୁଲୁଛନ୍ତି। ଏଥିସହ ସାତକୋଶିଆ ଗଣ୍ଡରେ ବୋଟିଂର ଭରପୁର ମଜ୍ଜା ଉଠାଉଛନ୍ତି। ତେବେ ପ୍ରାକୃତିକ ପରିବେଶ ସହ ଜୈବ ବିବିଧତାର ଗନ୍ତାଘର ପାଲଟିଥିବା ଏହି ସାତକୋଶିଆ ପର୍ଯ୍ୟଟନ କେନ୍ଦ୍ର ପର୍ଯ୍ୟଟକମାନଙ୍କୁ ବେଶ ଆକୃଷ୍ଟ କରୁଛି। ଏହି ପର୍ଯ୍ୟଟନ କେନ୍ଦ୍ର ଉତ୍ତରରେ ଅନୁଗୋଳ ଓ କଟକ ଜିଲାର ସୀମାନ୍ତରେ ଥିବା ବାଇଗଣୀ ପାହାଡ ଏବଂ ଦକ୍ଷିଣରେ ବୌଦ୍ଧ ଏବଂ ନୟାଗଡ ଜିଲାର ସୀମାନ୍ତରେ ଥିବା ସୁନାଖଣିଆ ପାହାଡର ସୌନ୍ଦର୍ଯ୍ୟ ଅତୀବ ମନୋରମ। ସତେ ଯେପରି ଏହି ୨ ପାହାଡର ବୁକୁ ଚିରି କଳକଳ ନାଦ କରି ବହିଯାଉଥିବା ମହାନଦୀର ସାତକୋଶିଆ ଗଣ୍ଡର ନୀଳ ଜଳରାଶୀରେ ସନ୍ତରଣ କରୁଥିବା ରଙ୍ଗ ବେରଙ୍ଗର ଦେଶୀ ଓ ବିଦେଶୀ ପକ୍ଷୀମାନେ ପର୍ଯ୍ୟଟକ ଏବଂ ପ୍ରକୃତିପ୍ରେମୀମାନଙ୍କୁ ଆନମନା କରିଦେଇଥାନ୍ତି । ତେବେ ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ତୁଳନାରେ ବଣଭୋଜି କରିବା ପାଇଁ ପର୍ଯ୍ୟାପ୍ତ ପରିମାଣର ପିଣ୍ଡି ଓ ପାନୀୟଜଳ ଯୋଗାଣ ବ୍ୟାବସ୍ଥାର ସୁବିଧା ନଥିବାରୁ ଅନେକ ପର୍ଯ୍ୟଟକ ନିରାଶାରେ ମୁହଁ ଫେରାଇ ମଣିଭଦ୍ରାଠାରେ ଭୋଜି କରୁଥିବା ଜଣାପଡିଛି। ଏଠାକୁ ଦିନବେଳା ଆସୁଥିବା ପର୍ଯ୍ୟଟକମାନଙ୍କ ବଣଭୋଜି ପାଇଁ ଅନେକ ଭିତ୍ତିଭୂମି ରହିଥିଲେ ମଧ୍ୟ ପର୍ଯ୍ୟଟନ ଭିଭାଗ କିମ୍ବା ବନ୍ୟପ୍ରାଣୀ ବିଭାଗ ତରଫରୁ ସେହିଭଳି କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନିଆଯାଇନାହିଁ। ତେବେ ପର୍ଯ୍ୟଟନସ୍ଥଳୀର ବିକାଶ ଘଟିଲେ ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ଘଟିବ ବୋଲି କୁହାଯାଉଥିବା ବେଳେ ବାସ୍ତବରେ ଏଥିପ୍ରତି କୌଣସି ପ୍ରଶାସନିକ ଦୃଷ୍ଟି ପଡୁନଥିବା କୁହନ୍ତି ସ୍ଥାନୀୟ ଅଞ୍ଚଳର ପୂର୍ବତନ ସରପଞ୍ଚ କୁମୁଦ ବେହେରାଙ୍କ ସମେତ ଅଞ୍ଚଳବାସୀ।

## ବୋଲଗଡ ମହୋତ୍ସବ ୨ୟ ସନ୍ଧ୍ୟା
## ନୃତ୍ୟଗୀତରେ ଦର୍ଶକ ବିଭୋର

**ବୋଲଗଡ,୨୭।୧୨(ଡି.ଏନ.ଏ.)**

ବୋଲଗଡ ଅଞ୍ଚଳର ଗୌରବାନ୍ୱିତ ଐତିହ୍ୟ ତଥା ସାମାଜିକ ଓ ସାଂସ୍କୃତିକ ପରମ୍ପରାର ନିଦର୍ଶନକୁ ନେଇ ଚାଲିଥିବା ବୋଲଗଡ ମହୋତ୍ସବର ଶୁକ୍ରବାର ଥିଲା ୨ୟ ସନ୍ଧ୍ୟା। ସନ୍ଧ୍ୟାର ମହୋତ୍ସବ ମଣ୍ଡପରେ ରାଜ୍ୟ ସଂସ୍କୃତି ବିଭାଗ ପ୍ରାୟୋଜିତ ବରଗଡରୁ ଆସିଥିବା ସମ୍ବଲପୁରୀ ନୃତ୍ୟ, ଜିଲା ସଂସ୍କୃତି ବିଭାଗ ସୌଜନ୍ୟରେ ଭୁବନେଶ୍ୱରରୁ ଆସିଥିବା ଓଡ଼ିଶୀ ନୃତ୍ୟ ଶୀତୁଆ ସନ୍ଧ୍ୟାରେ ଦର୍ଶକମାନଙ୍କୁ ବିଭୋର କରିଥିଲା। ସେହିପରି ବଲାଙ୍ଗୀରରୁ ଆସିଥିବା କଳାକାରମାନଙ୍କ ସମ୍ବଲପୁରୀ ନୃତ୍ୟ, ଜଟଣୀରୁ ଆସିଥିବା ମଡ଼ର୍ନ ଡ୍ୟାନ୍ସ ମଧ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା। କୁହୁଡି କଳିଙ୍ଗ କନ୍ୟା ପାଇକା ଆଖଡା ଦ୍ୱାରା ଯୁଦ୍ଧ ବିଦ୍ୟା କୌଶଳ, ମୁକ୍ତି ଆନ୍ଦୋଳନର ପାଇକ ବିଦ୍ରୋହର ଖୋର୍ଦ୍ଧା ତଥା ବୋଲଗଡର ବୀର ପାଇକମାନଙ୍କ ବିରତ୍ୱଭରା ଐତିହ୍ୟକୁ ରୋମନ୍ଥନ କରିଥିଲା।

# ସାଇକେଲରେ ପରିବେଶ ସୁରକ୍ଷା ବାର୍ତ୍ତା, ଅମରେଶଙ୍କୁ ସ୍ୱାଗତ

**ନୟାଗଡ଼ ଅଫିସ,୨୭।୧୨**

ବୃକ୍ଷ ଓ ପରିବେଶ ସୁରକ୍ଷା ବାର୍ତ୍ତା ନେଇ ପାରାଦୀପକୁ ସାଇକେଲରେ ବ୍ରହ୍ମପୁର ଅଭିମୁଖେ ବାହାରିଥିବା ପରିବେଶବିତ ଅମରେଶ ନରେଶ ସାମନ୍ତଙ୍କୁ ଶୁକ୍ରବାର ନୟାଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ ସ୍ୱାଗତ କରାଯାଇଥିଲା। ପ୍ରଥମେ ନୟାଗଡ଼ ଠାରେ ପହଞ୍ଚିବା ପରେ ବନ ବିଭାଗ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ନୟାଗଡ଼ ଡିଏଫଓ ଧନରାଜ ଏଚଡି ଓ କର୍ମଚାରୀମାନେ ଅମରେଶଙ୍କୁ ସ୍ୱାଗତ କରିବା ସହିତ ପରିବେଶ ପ୍ରତି ତାଙ୍କର ଏହି ଅବଦାନକୁ ସାଧୁବାଦ ଜଣାଇଥିଲେ। ସେହିଭଳି ଅମରେଶ ଶରଣକୁଳଠାରେ ପହଞ୍ଚିବା ପରେ ପଞ୍ଚରିଡ଼ା ରେଞ୍ଜର ଅର୍ଚ୍ଚନା ଗମାଙ୍ଗେ, ଫ୍ରେଣ୍ଡ୍‌ସ ହେଲ୍‌ପ ଗ୍ରୁପ୍‌ର ସଦସ୍ୟ, ଗ୍ରୀନ କ୍ଲବର ସଦସ୍ୟମାନେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରକାଶ ଯେ ଅମରେଶ ଗତ ୨୧ ତାରିଖଠାରୁ ପରିବେଶ ବିଷୟରେ ଲୋକମାନଙ୍କୁ ସଚେତନତ କରାଇବା ଉଦ୍ଦେଶ୍ୟରେ ପାରାଦୀପରୁ ସାଇକେଲରେ ବାହାରି କେନ୍ଦ୍ରାପଡ଼ା, ରାଜନଗର, ସାତଭାଇଆ ପେଣ୍ଠ, ଭିତରକନିକା, ଢେଙ୍କାନାଳ, କପିଳାସ, ମଙ୍ଗୁଳି, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ପରେ ଶୁକ୍ରବାର ନୟାଗଡ଼ରେ ପହଞ୍ଚିଥିଲେ। ୨୯ ତାରିଖ ସୁଦ୍ଧା ସେ ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳ ବୁଲି ଗୋପାଳପୁର ବେଳାଭୂଇଁରେ ପହଞ୍ଚିବେ ବୋଲି ପ୍ରକାଶ କରିଛନ୍ତି। ଅମରେଶ ଏହି ସାଇକେଲ ପରିକ୍ରମାରେ ଜନସାଧାରଣଙ୍କୁ ବୃକ୍ଷରୋପଣ, ପଲିଥିନ ବର୍ଜନ, ବାୟୁ ଓ ଜଳ ପ୍ରଦୂଷଣରୁ ମୁକ୍ତ ରହିବାପାଇଁ ସଚେତନ କରାଉଛନ୍ତି।



ନୟାଗଡ଼ଠାରେ ଅମରେଶଙ୍କୁ ସ୍ୱାଗତ କରାଯାଉଛି।

■ ଜିଲା ମହୋତ୍ସବର ତୃତୀୟ ସନ୍ଧ୍ୟା

# ଡାଲ୍‌ଖାଇ ଓ ଛଉନୃତ୍ୟରେ ଦର୍ଶକ ବିମୁଗ୍ଧ

**ନୟାଗଡ଼ ଅଫିସ,୨୭।୧୨**

ନୟାଗଡ଼ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀମେଳାର ଶୁକ୍ରବାର ତୃତୀୟ ସନ୍ଧ୍ୟାରେ ବାରିପଦାର ଛଉ ନୃତ୍ୟ ଓ ବରଗଡ଼ର ଡାଲ୍‌ଖାଇ ନୃତ୍ୟରେ ଦୁଲୁକିଥିଲା ମଞ୍ଚ। ୨ନୃତ୍ୟର କଳାକାରମାନଙ୍କ ନୃତ୍ୟ ପରିବେଷଣରେ ଦର୍ଶକ ବିମୁଗ୍ଧ ହୋଇଥିଲେ। ଉପଜିଲାପାଳ ଲଗ୍ନଜିତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ରଣପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ସତ୍ୟ ନାରାୟଣ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଜିଲା ମହୋତ୍ସବ କଳାକାରମାନଙ୍କ ପ୍ରତିଭାକୁ ପ୍ରଦର୍ଶିତ କରୁଥିବାର ଏକ ଉତ୍କୃଷ୍ଟ ମଞ୍ଚ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଶଶିଭୂଷଣ ଶତପଥୀ, ଡିଏଫଓ ଧନରାଜ ଏଚଡି, ଅତିରିକ୍ତ ଜିଲାପାଳ



ଯୋଗ ଦେଇଥିବା ଅତିଥିମାନେ।

ବିଧାନ ଚନ୍ଦ୍ର ରାୟ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରେ ଇନସ୍ୱାୟାର ଆବାସିକ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ନୟାଗଡ଼ ବନ୍ଦନା ନୃତ୍ୟ ପରିବେଷଣ କରାଯାଇଥିଲା। ଏହା ପରେ ବାରିପଦାର ଛଉ ନୃତ୍ୟ, ବରଗଡ଼ର ପଞ୍ଚରସୀ ଡାଲଖାଇ, ପୁରୀର ଲୋକ ନୃତ୍ୟ, ରଜ ନୃତ୍ୟ ଓ ଆୟାନ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ମଡର୍ନ ଡ୍ୟାନ୍ସ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯାହା କି ଶୀତୁଆ ସନ୍ଧ୍ୟାରେ ଦର୍ଶକଙ୍କୁ ବାନ୍ଧିରଖିଥିଲା

# ଭାପୁର ପେସାଦାର ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ

**ଭାପୁର,୨୭।୧୨(ଡି.ଏନ୍.ଏ.)**

ଭାପୁର ବ୍ଲକର ବରିଷ୍ଠ ଖବରଦାତାମାନଙ୍କୁ ନେଇ ଗଠିତ ଭାପୁର ପେଶାଦାର ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସଂଘର ପୂର୍ବତନ ସଭାପତି ସନାତନ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଓ ସଂଘର ସମ୍ପାଦକ ଶୁଭେନ୍ଦ୍ର କୁମାର ପଟ୍ଟନାୟକଙ୍କ ଆହ୍ୱନରେ ଭାପୁର ଡ଼ାକବଙ୍ଗଳାରେ ବୈଠକ ଆୟୋଜିତ ହୋଇଥିଲା। ପୂର୍ବ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହୋଇଯାଇଥିଲା ବେଳେ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ ସଭାପତି ଭାବେ ଗୀତିକାନ୍ତ ପଣ୍ଡା ଓ ସମ୍ପାଦକ ଭାବେ ମନୋଜ କିଶୋର ସାହୁ ନିର୍ବାଚିତ ହୋଇଛନ୍ତି। ଗ୍ରାମାଞ୍ଚଳର ସାମ୍ବାଦିକଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ନୂତନ କର୍ମକର୍ତ୍ତାମାନେ ସବୁପ୍ରକାରର ଉଦ୍ୟମ କରିବେ ବୋଲି ଘୋଷଣା କରିଥିଲେ।

# ଶୀତକାଳୀନ ସ୍ୱତନ୍ତ୍ର ରାଷ୍ଟ୍ରୀୟ ସେବା ଶିବିର

**ଭାପୁର,୨୭।୧୨(ଡି.ଏନ୍.ଏ.)**

ଭାପୁର ବ୍ଲକ ପଦ୍ମାବତୀ ଗ୍ରାମସ୍ଥିତ ପ୍ରହ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଶୀତକାଳୀନ ସ୍ୱତନ୍ତ୍ର ରାଷ୍ଟ୍ରୀୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହା ୨୧ ତାରିଖରୁ ଆରମ୍ଭ ହୋଇ ୨୭ ତାରିଖ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହି ଶିବିରରେ ୨୭ ଜଣ ଛାତ୍ରୀ ଓ ୨୭ ଛାତ୍ର ଯୋଗଦେଇ କୁସଂସ୍କାର ଉପରେ ଜନସଚେତନତା ସୃଷ୍ଟି କରିବା ସହ ସମାଜ


ଶିବିରରେ ମଞ୍ଚାସୀନ ଅତିଥିମାନେ।

କଲ୍ୟାଣ କାର୍ଯ୍ୟ କରିଥିଲେ। ଶିବିରକୁ ମହାବିଦ୍ୟାଳୟର ପ୍ରତିଷ୍ଠାତା ମହେନ୍ଦ୍ର କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ଶିବିରରେ କରବର ପଞ୍ଚାୟତର ସରପଞ୍ଚ ମମତା ସ୍ୱାଇଁ ଓ କଲେଜର ଅଧକ୍ଷ କିଶୋର ଚନ୍ଦ୍ର ସାମନ୍ତରାୟ ଯୋଗଦେଇ ଶିବିରାର୍ଥୀଙ୍କୁ ଉପାଦେୟ ଉପଦେଶ ପ୍ରଦାନ କରିଥିଲେ । ମହିଳା ଶିବିରର ପ୍ରୋଗ୍ରାମ ଅଫିସର ଅଧାପିକା କୃଷ୍ଣପ୍ରିୟା ମହାନ୍ତି ଓ ପୁରୁଷ ଶିବିରର ପ୍ରୋଗ୍ରାମ ଅଫିସର ବିନୟ କୁମାର ସାହୁ ସୁଚାରୁରୂପେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଖଣ୍ଡପଡା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଆରମ୍ଭ

# ଲୋକକଳାକୁ ଉଜ୍ଜୀବିତ କରିବା ମହୋତ୍ସବର ଲକ୍ଷ୍ୟ



ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଖଣ୍ଡପଡା,୨୭।୧୨(ସ୍ୱ.ପ୍ର.)**

ଖଣ୍ଡପଡା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା-୨୦୧୯ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ କଳାବିକାଶ ପରିଷଦ ଖଣ୍ଡପଡା ପକ୍ଷରୁ ଆୟୋଜିତ ମହୋତ୍ସବକୁ ଖଣ୍ଡପଡା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ଗୁରୁପୂଜନ ପରେ ବେଦପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଭାପତି ପ୍ରଦୀପ୍ତ କିଶୋର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଭାରତିଭୂଷଣ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଖଣ୍ଡପଡା ବିଡିଓ ପ୍ରମୋଦ କୁମାର ନାୟକ, ଭାପୁର ଭାରପ୍ରାପ୍ତ ବିଡିଓ ଅନ୍ତର୍ଯ୍ୟାମୀ ଦାସ, ଭାପୁର ବ୍ଲକ ଉପାଧକ୍ଷ ଗୟାଧର ପରିଡା ପ୍ରମୁଖ ଯୋଗଦେଇଥିଲେ। ସଂସ୍କୃତି ଓ ପରମ୍ପରା ଆମ ଦେଶର ପରିଚୟ । ବିଶ୍ୱ ବିଖ୍ୟାତ ସିଦ୍ଧାନ୍ତ ଦର୍ପଣର ରଚୟିତା ପଠାଣି ସାମନ୍ତ ଓ ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋର ଶ୍ରୀ ନୀଳମାଧବ ଜୀଉଙ୍କ ଯୋଗୁ ଖଣ୍ଡପଡା ଅଞ୍ଚଳ ସର୍ବଜନବିଦିତ । ଆମ ଲୋକକଳାକୁ ଏହି ମହୋତ୍ସବ ମାଧମରେ ଅନ୍ୟମାନଙ୍କ ନିକଟରେ ପହଞ୍ଚାଇବା ଏହି ମହୋତ୍ସବର ଲକ୍ଷ୍ୟ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ । ଅନୁଷ୍ଠାନର ସମ୍ପାଦକ ପର୍ଶୁରାମ ପାଢୀ ବାର୍ଷିକ ବିବରଣୀ ପାଠ କରିଥିଲେ । କଣ୍ଟିଲୋ ଅଞ୍ଚଳର ଯୁବ ବାଲୁକା ଶିଳ୍ପୀ ପ୍ରଶାନ୍ତ କୁମାର ସାହୁଙ୍କ ଦ୍ୱାରା ବାଲୁକା କଳା ଦର୍ଶକମାନଙ୍କ ମୁଖ୍ୟ ଆକର୍ଷଣ ଥିଲା । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କଳା ବିକାଶ ପରିଷଦ ପକ୍ଷରୁ ପ୍ରସ୍ତୁତ କାର୍ଯ୍ୟସୂଚୀ ଅନୁଯାୟୀ ବହୁ ବିଶିଷ୍ଟ ବ୍ୟକ୍ତି ଉତ୍ସବରେ ଯୋଗଦେଇ ନ ଥିବା ବେଳେ କାର୍ଯ୍ୟସୂଚୀରେ ନାମ ନ ଥାଇ ମଧ୍ୟ ଅନେକ ବ୍ୟକ୍ତିଙ୍କୁ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ କରାଯିବାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଶିକ୍ଷାବିତ୍ ଗୋପୀନାଥ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳାକାରମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ଘୋଡାନାଚ, ମା' ଶାରଳା ଘଣ୍ଟ ନୃତ୍ୟ, ରଣପା ନୃତ୍ୟ, ଦୁଲଦୁଲୀ, ଢୋଲ ମହୁରୀ ବାଜା ପରି ଅନେକ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ମିନି ଷ୍ଟାଡିୟମ ପରିସରରେ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଛି। । ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଷ୍ଟାଡିୟମ ପରିସରରେ ଖଣ୍ଡପଡା ପୋଲିସ ପକ୍ଷରୁ ଆଇଆଇସି ବିମଳ କୁମାର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି।


କାର୍ଯ୍ୟକ୍ରମରେ ସାଂସ୍କୃତିକ ନୃତ୍ୟ ପରିବେଷଣ।

# ପରିବାରର ଶୁଭ କାମନାରେ ବାଲିଭାତ ଖିଆ

**ଖଣ୍ଡପଡା,୨୭।୧୨(ସ୍ୱ.ପ୍ର.)**

ପୁରାଣର ଲୋକ କଥାକୁ ଉଜ୍ଜୀବିତ ରଖିବା ତଥା ମନସ୍କାମନା ପୂରଣ ପାଇଁ ଶୁକ୍ରବାର ଖଣ୍ଡପଡା ବ୍ଲକ ଅନ୍ତର୍ଗତ ବଳରାମପ୍ରସାଦ, ପଡୁରିଆ, ପାଣ୍ଡରାସିଙ୍ଗା, ଏକଡାଳ ଆଦି ଅଞ୍ଚଳର ମହିଳାମାନେ ଏକତ୍ରିତ ହୋଇ ବାଲିଭାତଖିଆ ପରମ୍ପରାକୁ ପାରମ୍ପରିକ ରୀତିରେ ପାଳନ କରିଛନ୍ତି ।

ପ୍ରଥାନୁସାରେ ସିଧାମୂଳା ନିକଟସ୍ଥ ମହାନଦୀ ବାଲିପଠା ଏବଂ ମହାନଦୀ ପାର୍ଶ୍ୱସ୍ଥ ବାଣେଶ୍ୱର ପାହାଡକୁ ଯାଇ ଯେଝା ଯେଝା ଘରୁ ଆଣିଥିବା ଭାତ, ସାଧା ହେଉ ଅବା ଆମିଶ ତରକାରୀ, ବିଭିନ୍ନ ପିଠା ପଣା ଆଦି ଖାଦ୍ୟ ସାମଗ୍ରୀକୁ ଏକାଠି ରଖିଥିଲେ। ପରେ ବାଲି ପଠାରେ ବାଲିରେ ବେଦୀ ସ୍ଥାପନ କରି ବନ ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହି ପରମ୍ପରାନୁସାରେ ଏଠାକୁ କୌଣସି ପୁରୁଷ ଲୋକ ଯାଇ ନଥାନ୍ତି । ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଜଗନ୍ନାଥ ମହିଳା ମଣ୍ଡଳୀର ଜନୈକା ସଦସ୍ୟା ବିଳାସିନୀ ମିଶ୍ରଙ୍କ ସହ ଯୋଗାଯୋଗ କରିବାରେ ପରିବାରର ଶୁଭ କାମନା ଲକ୍ଷ୍ୟରେ ପ୍ରତିବର୍ଷ ବଉଳ ଅମାବାସ୍ୟା ପରଦିନ ଏହି ପରମ୍ପରା ପାଳନ କରାଯାଇଥାଏ ବୋଲି କହିଥିଲେ। ବାଲିରେ ବନଦୁର୍ଗାଙ୍କୁ ସ୍ଥାପନା କରି ମହିଳାମାନେ ପୂଜାର୍ଚ୍ଚନା କରି ଭଜନ କୀର୍ତ୍ତନ କରୁଥିବା ପ୍ରକାଶ କରିଥିଲେ। ଏହାଛଡା ଏହି ସ୍ଥାନକୁ କୌଣସି ପୁରୁଷ ଆସିବା ବାରଣ ଅଛି, ବିଶେଷ କରି ଯାହାଙ୍କର ସନ୍ତାନ ସନ୍ତତୀ ହେଉ ନଥିବ ସେମାନେ ଏଠି ମାନସିକ କରି ପୂଜା କରିଥାନ୍ତି ବୋଲି ମିଶ୍ର ସୂଚନା ଦେଇଥିଲେ। ବିଭିନ୍ନ ଗ୍ରାମର ମହିଳା ତଥା ମହିଳା ମଣ୍ଡଳୀର ସଦସ୍ୟାମାନେ ପୃଥକ ଭାବେ ଏହି ପାରମ୍ପରିକ କାର୍ଯ୍ୟକ୍ରମ ପାଳନ କରୁଥିବା ପରିଲକ୍ଷିତ ହୋଇଥିଲା।


ମହିଳାମାନେ ବାଲିରେ ବନଦୁର୍ଗାଙ୍କୁ ପୂଜାର୍ଚ୍ଚନା କରୁଛନ୍ତି।